
ଧରିତ୍ରୀ
DHARITRI
September 8-14, 2024 ₹ 2/-
ଧରିତ୍ରୀ 50 Years

ଛୁଟିଦିନ

# ପରଦାରେ ଦାଦି



ପ୍ରଚ୍ଛଦ ପ୍ରସଙ୍ଗ

୩

ନାୟିକା ନ ହେଲେ ବି ଏହି ଚରିତ୍ର ବିନା କାହାଣୀ ଲାଗେ ଫିକା। ସେ ହେଉଛି ଜେଜେମା' ବା ଦାଦି ଚରିତ୍ର। ବଡ଼ ପରଦା ଓ ଛୋଟ ପରଦାରେ କେବେ ସ୍ନେହୀ ତ କେବେ ଷ୍ଟ୍ରିକ୍ଟ ଦାଦିର ଅଭିନୟ କରି ନିଜର ସ୍ୱତନ୍ତ୍ର ଛାପ ଛାଡ଼ି ଯାଇଥିବା ସେଇ କେତେଜଣ ଦାଦି ମା'ଙ୍କ ସମ୍ପର୍କରେ...



# କେଉଁଠି ଲଗାଇବେ ଦର୍ପଣ

**ବାସ୍ତୁଶାସ୍ତ୍ର ଅନୁଯାୟୀ, ଗୃହରେ ସୁଖ ଶାନ୍ତି ବଜାୟ ରଖିବା ପାଇଁ ଦର୍ପଣର ଅନେକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେବେ ଘରର କେଉଁ ସ୍ଥାନରେ ଦର୍ପଣ ରଖିଲେ କି ପ୍ରକାରର ଶୁଭଫଳ ମିଳିଥାଏ ଜାଣନ୍ତୁ ସେ ସମ୍ପର୍କରେ...**



*ଯେହେତୁ ଉତ୍ତର ଦିଗର ସ୍ୱାମୀ ହେଉଛନ୍ତି ଭଗବାନ କୁବେର ଏବଂ ପୂର୍ବ ଦିଗର ସ୍ୱାମୀ ଭଗବାନ ସୂର୍ଯ୍ୟ। ତେଣୁ ଏହି ଦୁଇ ଦିଗରେ ଦର୍ପଣ ଲଗାଇବା ଶୁଭ ହୋଇଥାଏ।

*କିନ୍ତୁ ଭୁଲ୍‌ରେ ବି ଦକ୍ଷିଣ କିମ୍ବା ପଶ୍ଚିମ ଦିଗରେ ଦର୍ପଣ ଲଗାଇବେ ନାହିଁ। କାରଣ ଦକ୍ଷିଣ ଦିଗର ସ୍ୱାମୀ ହେଲେ ପ୍ରଭୁ ଯମରାଜ ଏବଂ ପଶ୍ଚିମ ଦିଗର ଦେବତା ହେଲେ ଶନିଦେବ। ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି, ଯଦି ଏହି ଦୁଇ ଦିଗରେ ଦର୍ପଣ ଲଗାଯାଏ ; ତା'ହେଲେ ଗୃହରେ ସର୍ବଦା ଅଶାନ୍ତି ଲାଗି ରହିଥାଏ।

*ସେହିପରି ଦର୍ପଣକୁ ସର୍ବଦା ସଫାସୁତୁରା ରଖିବା ଦରକାର। ତା'ସହିତ ଧ୍ୟାନ ଦେବେ ଦର୍ପଣରେ ଯେମିତି କୌଣସି ବିପଦପୂର୍ଣ୍ଣ ବସ୍ତୁ ବା ଅଶୁଭ ବସ୍ତୁର ପ୍ରତିଫଳନ ହେଉ ନଥିବ। ଯେମିତିକି: ଛୁରୀ, କିଛି ବି ମାରାଣାସ୍ତ୍ର, ଗ୍ୟାସ, ଡଷ୍ଟବିନ୍‌ର ଅଳିଆ ଆବର୍ଜନା, ଖରାପ ହୋଇଯାଇଥିବା କୌଣସି ବସ୍ତୁ ଇତ୍ୟାଦି। କାରଣ ଏହାଦ୍ୱାରା ଗୃହରେ ନକାରାତ୍ମକ ଊର୍ଜ୍ଜା ଉତ୍ପନ୍ନ ହୋଇଥାଏ।

*ଅନ୍ୟପକ୍ଷେ ଦୁଇଟି ଦର୍ପଣକୁ କେବେ ବି ସାମ୍ନାସାମ୍ନି ରଖିବେ ନାହିଁ। କାରଣ ଏହାଦ୍ୱାରା ପରିବାରରେ ସନ୍ଦେହର ବାତାବରଣ ସୃଷ୍ଟି ହୋଇଥାଏ ବୋଲି ବିଶ୍ୱାସ କରାଯାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ସେପ୍ଟେମ୍ବର ୮-୧୪

**ମେଷ**
ଅଭିଳାଷ ପୂରଣ ହେବ, ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିବ, ପାରିବାରିକ ଜୀବନକୁ ସଜାଡ଼ିବେ, କଳ୍ପନାବିଳାସୀ ହୋଇପାରନ୍ତି, ନୂଆ ବନ୍ଧୁ ଜୁଟିବେ, ସମ୍ପର୍କ ମଜଭୁତ ରହିବ, ବାଣିଜ୍ୟରେ ପ୍ରତିବନ୍ଧକ, ଧନହାନିରୁ ମନସ୍ତାପ, ଭ୍ରାତୃବିବାଦରୁ ଅଶାନ୍ତି।

**ବୃଷ**
କର୍ମନିଷ୍ଠାରୁ ପ୍ରଶଂସା, ଉଚ୍ଚ ଆଶାସମ୍ପନ୍ନ ହୋଇପାରନ୍ତି, ଅବଦମିତ ଇଚ୍ଛାରୁ ଅଶାନ୍ତି, କାମନାକୁ ସାକାର କରିବେ, ଗୃହୋପଯୋଗୀ ଜମି ଲାଭ, ବ୍ୟବସାୟରେ ପୁଞ୍ଜି ଲଗାଣ, କ୍ରୀଡ଼ା-ଚଳଚ୍ଚିତ୍ରରେ ସୁନାମ, ଆର୍ଥିକ ସ୍ଥିତିରେ ସ୍ୱଚ୍ଛଳତା।

**ମିଥୁନ**
ପାରିବାରିକ ବିଶୃଙ୍ଖଳା, ପୁରୁଣା ରୋଗର ପୀଡ଼ା, ବନ୍ଧୁ ପାଇଁ ତ୍ୟାଗ ସ୍ୱୀକାର, ବ୍ୟବସାୟରେ ଉନ୍ନତି, ମାମଲାରେ ହନ୍ତସନ୍ତ, ତୀର୍ଥାଟନର ସୁଯୋଗ, ନୂତନନିଯୁକ୍ତିର ସୂଚନା, ପରାଶ୍ରୟତାର ଦୁଃଖ।

**କର୍କଟ**
ପଦସ୍ଥବ୍ୟକ୍ତିଙ୍କ ସାହାଯ୍ୟ, ବନ୍ଧୁଙ୍କ ସହଯୋଗ, ଆର୍ଥିକ ଅଭିବୃଦ୍ଧି, ନୂତନ କର୍ମନିଯୁକ୍ତି, ଚୁକ୍ତିପତ୍ର ସମ୍ପାଦନ, ପ୍ଲଟିଙ୍ଗ କାରବାରରୁ ଲାଭ, ଯୋଜନାରମ୍ଭରେ ସଫଳତା, ସାମୟିକ ସ୍ଥାନାନ୍ତର।

**ସିଂହ**
କର୍ମକ୍ଷେତ୍ରରେ ନୈରାଶ୍ୟ, ସ୍ଥଗିତ ପ୍ରାପ୍ୟ ପାଇବେ, ନୂଆ ସମ୍ପର୍କ ସ୍ଥାପିତ ହେବ, ସନ୍ତାନଙ୍କ ସମସ୍ୟା, ନୂତନଗୃହ ନିର୍ମାଣ, ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା, ମିଥ୍ୟାପବାଦରୁ ମନସ୍ତାପ, ସମସ୍ୟାର ସମାଧାନ, ଅର୍ଥଦ୍ରବ୍ୟ ଲାଭ।

**କନ୍ୟା**
ଉଚ୍ଚଶିକ୍ଷାର ସୁଯୋଗ, ନୂତନ କର୍ମନିଯୁକ୍ତି, ସାମ୍ବାଦିକତାରୁ ସମ୍ମାନ, କର୍ମକ୍ଷେତ୍ରରେ ଯଶସମ୍ମାନ, ପ୍ରତିବନ୍ଧକ ପ୍ରତିହତ ହେବ,ଏଜେନ୍ସିପ୍ ବଢ଼ିବ, ମିତ୍ରବନ୍ଧୁଙ୍କ ସମାଗମ, ସ୍ୱର୍ଣ୍ଣ ଅଳଙ୍କାର କ୍ରୟ, ଭିଜିଲାନ୍ସ ଧରପଗଡ଼, ସ୍ୱାସ୍ଥ୍ୟହାନିଜନିତ ଦୁଶ୍ଚିନ୍ତା।

**ତୁଳା**
ବଦଳିଯିବ ଜୀବନଯାତ୍ରା, ହଟିଯିବ ଦୁର୍ଦ୍ଦିନର ଅନ୍ଧକାର, ଧର୍ମକାର୍ଯ୍ୟରେ ବ୍ୟୟବୃଦ୍ଧି, କର୍ମକ୍ଷେତ୍ରରେ ସ୍ଥାନାନ୍ତର, ପ୍ରିୟଜନଙ୍କ ବିଚ୍ଛେଦ, ପ୍ରତିଯୋଗିତାରେ ସଫଳତା, ବନ୍ଧୁଙ୍କ ମିଥ୍ୟାରୋପ, ସ୍ୱାସ୍ଥ୍ୟ ସମସ୍ୟାର ନିୟନ୍ତ୍ରଣ, ମନୋରଞ୍ଜନର ମଉକା ।

**ବିଛା**
ପାରିବାରିକ ଶାନ୍ତି, ପରିଜନଙ୍କ ସହ ଭ୍ରମଣ, ପ୍ରତିବନ୍ଧକ ଦୂର ହେବ, ଅନୁକୂଳ ପରିବେଶ, ନୂତନ ପ୍ରକଳ୍ପାରମ୍ଭ, ବନ୍ଧୁଙ୍କ ସମ୍ପର୍କରେ ଭଙ୍ଗା, ଲୋକାଭିମୁଖୀ କର୍ମରେ ପ୍ରଶଂସା, ଯାନ୍ତ୍ରିକଜିନିଷ କ୍ରୟ, ପୂର୍ବଶତ୍ରୁତାରୁ କଳହ, ରହସ୍ୟଜନକ କର୍ମରେ ପ୍ରବେଶ, ସହକର୍ମୀଙ୍କ ଯୁକ୍ତିତର୍କ ।

**ଧନୁ**
ସୁନ୍ଦର ଜୀବନଚର୍ଯ୍ୟା, ମଧୁର ଅନୁଭୂତି, ଦୁର୍ଲଭ ବସ୍ତୁପ୍ରାପ୍ତିରୁ ଆନନ୍ଦ, ନୂତନ ଯୋଜନା କାର୍ଯ୍ୟକାରି କରିବେ, ଜମିଜମା କ୍ରୟବିକ୍ରୟ, ସରକାରୀ ସହାୟତା, ପଦୋନ୍ନତିର ଶୁଭସୂଚନା, କ୍ରନିକ୍ ରୋଗର ପୀଡ଼ା ବୃଦ୍ଧି, ମାନସିକ ଅସ୍ଥିରତା, ଅଭିଳାଷ ପୂରଣ ହେବ।

**ମକର**
ନୂତନ କର୍ମାରମ୍ଭ, ମଜଭୁତ ଆର୍ଥିକସ୍ଥିତି, କର୍ମକ୍ଷେତ୍ରରେ ପ୍ରାଧାନ୍ୟତା, ଗଠନମୂଳକ କାର୍ଯ୍ୟର ପ୍ରେରଣା, ସରକାରୀ ସାହାଯ୍ୟ ମିଳିବ, ପାରିବାରିକ ସଦ୍‌ଭାବ ବୃଦ୍ଧି, ବିଜାତୀୟ ବ୍ୟକ୍ତିଙ୍କ ସହ ମିତ୍ରତା, ସ୍ଥାନ ପରିବର୍ତ୍ତନ କରିବେ, ମାଲିମକଦ୍ଦମାରୁ ଅଶାନ୍ତି, ସ୍ୱାସ୍ଥ୍ୟ ସମସ୍ୟା ବଢ଼ିବ।

**କୁମ୍ଭ**
ବନ୍ଧୁଙ୍କ ସହଯୋଗ ମିଳିବ, ସାମାଜିକ ସମ୍ମାନପ୍ରାପ୍ତି, ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେବେ, କର୍ମକ୍ଷେତ୍ରରେ ବାଧାବିଘ୍ନ, ପୁରୁଣା ରୋଗର ପ୍ରାଦୁର୍ଭାବ, ବିବାଦରେ ଫସିପାରନ୍ତି, ବିଶ୍ୱାସ ଘାତକତାର ଶିକାର, ସନ୍ତାନଙ୍କ କୃତିତ୍ୱରୁ ଗୌରବ।

**ମୀନ**
ହିତାକାଂକ୍ଷୀଙ୍କ ପରାମର୍ଶ, ସାହାଯ୍ୟ ସହଯୋଗପ୍ରାପ୍ତି, ବାକ୍‌ପଟୁତାରୁ ପ୍ରଶଂସା, ସୃଜନୀ ଶକ୍ତିର ଅଭ୍ୟୁଦୟ, ଅଭିନୟ ପ୍ରତି ରୁଚି, ନୂତନ କର୍ମସଂସ୍ଥାନରୁ ଆନନ୍ଦ, ପୈତୃକ ସମ୍ପତ୍ତି ଜନିତ ବିବାଦ, ପରିବାରରେ ମତପାର୍ଥକ୍ୟ, ଅର୍ଥପ୍ରାପ୍ତିର ପ୍ରତୀକ୍ଷା, ଆତ୍ମୀୟଙ୍କ ଅପପ୍ରଚାର, ଧର୍ମକାର୍ଯ୍ୟ କରିବେ।

# ସୌଭାଗ୍ୟ ଆଣେ ମୟୂରପୁଚ୍ଛ



ଭଗବାନ ଶ୍ରୀକୃଷ୍ଣଙ୍କର ପ୍ରିୟ ମୟୂରପୁଚ୍ଛକୁ ସୌଭାଗ୍ୟର ପ୍ରତୀକ ବୋଲି କୁହାଯାଏ। ବାସ୍ତୁଶାସ୍ତ୍ର ଅନୁଯାୟୀ, ଘରର ଦକ୍ଷିଣ-ପୂର୍ବ ଦିଗରେ ମୟୂରପୁଚ୍ଛ ରଖିଲେ ଘରେ ସକାରାତ୍ମକ ଊର୍ଜ୍ଜା ଉତ୍ପନ୍ନ ହୋଇଥାଏ। ଆଉ ଯଦି ଘରେ ରାହୁ ଦୋଷ ଥାଏ, ତେବେ ୮ଟି ମୟୂରପୁଚ୍ଛକୁ ଘରର ଉତ୍ତର-ପୂର୍ବ ଦିଗରେ ଥିବା କବାଟରେ ଲଗାଇଦେଲେ ଶୁଭଫଳ ମିଳିଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି। ଧ୍ୟାନଦେବେ ଯିବା ଆସିବା ସମୟରେ ଯେମିତି ସମସ୍ତଙ୍କର ଦୃଷ୍ଟି ଏହି କବାଟ ଉପରେ ପଡୁଥିବ। ଘରେ ଟଙ୍କା ପଇସାର ଅଭାବ ଦେଖାଯାଉଥିଲେ, ଶୁଭଦିନ ଦେଖି ଘରକୁ ମୟୂରପୁଚ୍ଛଟିଏ କିଣିଆଣି ଠାକୁର ଘରେ ରଖିଦେବେ। ଆଉ କିଣିଲାବେଳେ ପ୍ରଭୁ ଶ୍ରୀ କୃଷ୍ଣଙ୍କର ନାମ ନେଇ ମୟୂରପୁଚ୍ଛ କିଣିଲେ ଘରେ ଧନର ଅଭାବ ରହେନାହିଁ ବୋଲି ବିଶ୍ୱାସ ରହିଛି। ଉତ୍ତର ଦିଗର ସ୍ୱାମୀ ହେଲେ କୁବେର। ତେଣୁ ଏହି ଦିଗରେ ଟ୍ରେଜେରି ହେଉ ଅବା ଆଲମିରା ରଖିବା ଶୁଭ। କିନ୍ତୁ ଯଦି ଭୁଲ୍‌ବଶତଃ ଘରର ଦକ୍ଷିଣ ଦିଗରେ ଏହା ରହିଯାଇଛି, ତା'ହେଲେ ଆଲମିରା ହେଉ ଅବା ଟ୍ରେଜେରି ଭିତରେ ମୟୂରପୁଚ୍ଛକୁ ସିଧା ଭାବେ ଠିଆ କରି ରଖିଦେଲେ ; ଘରେ ଧନର ଅଭାବ ଦେଖାଯାଇ ନଥାଏ ବୋଲି ବିଶ୍ୱାସ କରାଯାଏ। ପିଲାଙ୍କ ଷ୍ଟଡି ରୁମ୍ ହେଉ ଅଥବା ସେମାନଙ୍କ ପଢା ଟେବୁଲ୍ ଉପରେ ମୟୂରପୁଚ୍ଛ ରଖିଲେ ସେମାନଙ୍କର ଏକାଗ୍ରତା ବୃଦ୍ଧି ପାଇଥାଏ ବୋଲି ମଧ୍ୟ ବିଶ୍ୱାସ ରହିଛି।

# ପାଠକୀୟ

✲ ଏମାନେ କଥାକାର। କାହାଣୀ ତିଆରି କରନ୍ତି, ପାଠକଙ୍କୁ ବାନ୍ଧି ରଖନ୍ତି କଲମର ଶକ୍ତିରେ। କିନ୍ତୁ ଏହାବାଦ୍ ବି ନିରିଖେଇ ଦେଖିଲେ ଲାଗିବ ସେମାନଙ୍କର ଅଛି ଆଉ କିଛି ରୁଚି, ଯାହା ସେମାନଙ୍କୁ ଦିଏ ଆଉ ଏକ ପରିଚୟ। ତେଣୁ ଏଭଳି ଏକ ସମୟୋପଯୋଗୀ ବିଷୟକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'କଥା ସେପାଖର ଜୀବନ'ଟି ବେଶ୍ ମନଛୁଆଁ ହୋଇଥିଲା। 'ସୁଖ ସମୃଦ୍ଧି ପାଇଁ ବାସ୍ତୁ', 'କେଉଁ ଘର ପାଇଁ କେଉଁ ରଙ୍ଗ ଶୁଭ' ଆଦି ପାଠଗୁଡ଼ିକରୁ ବହୁ ଅଜଣା କଥା ଜାଣିହେଲା।

***– ରକୁଲ୍, ଟିନା, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର***

✲ ସେମାନେ ଚରିତ୍ର ଗଢନ୍ତି ଶବ୍ଦରେ, ଅନୁଭବକୁ ଖଞ୍ଜନ୍ତି ଗଳ୍ପରେ, ସ୍ତମ୍ଭରେ, ପ୍ରବନ୍ଧରେ, ଉପନ୍ୟାସରେ। ନିଜର ଏହି କଥକସ୍ୱରୂପକୁ ସ୍ପଷ୍ଟ ପ୍ରତିଭାତ କରିଛନ୍ତି କଥା ଜଗତରେ। ତେଣୁ 'କଥା ସେପାଖର ଜୀବନ'କୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ମୋ ମନ କିଣିନେଲା। 'ଦାମୀ ଗାଉନ୍' ଶୀର୍ଷକ ପାଠଟି ବେଶ୍ ଉପାଦେୟ ଥିଲା।

***– ବୃନ୍ଦାବନ ଷଡଙ୍ଗୀ, କଟକ***

✲ ନାଟ୍ୟ ଜଗତର ଶ୍ରଦ୍ଧାଶୀଳ ଉଚ୍ଚାରଣ: ବିଭୂତି ଭୂଷଣ ଶୀର୍ଷକ ପାଠରୁ ବହୁ ଅଜଣା କଥା ଜାଣିହେଲା। 'କଳାକୃତୀ ଦେଇଛି ରୋଜଗାର' ଶୀର୍ଷକ ପାଠଟି ବି ବେଶ୍ ଉପାଦେୟ ଥିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ସ୍ଥାୟୀ ଠିକଣା' ଶୀର୍ଷକ ଗପ ଏବଂ 'ଦର୍ପଣରେ ନାୟିକା', 'ପାଞ୍ଚୋଟି ଏକପଦୀ' ଶୀର୍ଷକ କବିତା ଦୁଇଟି ବେଶ୍ ମନଛୁଆଁ ହୋଇଥିଲା।

***– ପ୍ରଣତୀ ମିଶ୍ର, ଜଟଣୀ, ଖୋର୍ଦ୍ଧା***

✲ ସାହିତ୍ୟିକ ତଥା ପ୍ରଶାସନିକ ଅଧିକାରୀ ସନ୍ତୋଷ କୁମାର ସେଠୀଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ବେଶ୍ ମନଛୁଆଁ ଥିଲା। ସାଥୀର ଉତ୍ତର ବି ରୋମାଣ୍ଟିକ୍‌ଭରା ଥିଲା। ଲାଇଫ୍‌ଷ୍ଟାଇଲ୍ ପୃଷ୍ଠାରୁ 'ମନସୁନ୍ ଫୁଟୱେର୍' ସମ୍ପର୍କରେ ବହୁତ କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା।

***– ସୁନିତ୍ ପୃଷ୍ଟି, ଚନ୍ଦନପୁର, ପୁରୀ***

✲ ସହରଠୁ ଦୂର ପୃଷ୍ଠାରୁ 'ପର୍ଯ୍ୟଟନରେ ଭରା କର୍ସୋଗ' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ବିବିଧା ପୃଷ୍ଠାରେ ସ୍ଥାନିତ 'ବଂଶୀ' ଶୀର୍ଷକ ପାଠଟି ଶିକ୍ଷଣୀୟ ଥିଲା। ବ୍ୟଙ୍ଗ ପୃଷ୍ଠାରୁ 'ଦେବତା, ଭଗବାନ ଓ ଈଶ୍ୱର'ଙ୍କ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ସେହିପରି ବ୍ୟାକ୍‌ପେଜ୍ ପୃଷ୍ଠାଟି ମନଛୁଆଁ ହୋଇଥିଲା।

***– ସୁପ୍ରିୟା ଧଳ, କୋରାପୁଟ***

## ବିଶେଷ ଚିଠି



କଥା ସେପାଖର ଜୀବନକୁ ନେଇ
ଥିଲା ଏଥରର ପ୍ରଚ୍ଛଦ ପ୍ରସଙ୍ଗ,
ଲାଗୁଥିଲା ଭାରି ନିଆରା
ମନେ ଭରିଲା ଅପୂର୍ବ ଆନନ୍ଦ।
ତା'ସାଙ୍ଗକୁ ପୁଣି ନିଆରା ଥିଲା
ତୁମ ସହରଠୁ ଦୂର ଓ ସାଥୀ
ମନ କିଣି ନେଉଥିଲା ପୁଣି
ତୁମ ସୃଜନର ଲେଖାଲେଖି।
ସତରେ ହେ ପ୍ରିୟ ଛୁଟିଦିନ
ତୁମ ସବୁ ପୃଷ୍ଠା ଲାଗେ ଭାରି ଉତ୍ତମ।

***– ତନୁଜା ପ୍ରଧାନ, ବ୍ରହ୍ମପୁର***

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ପରଦାରେ ଦାଦି


ଜୋହରା ସେହଗଲ

**ନାୟିକା ନ ହେଲେ ବି ଏହି ଚରିତ୍ର ବିନା କାହାଣୀ ଲାଗେ ଫିକା। ସେ ହେଉଛି ଜେଜେମା' ବା ଦାଦି ଚରିତ୍ର। ବଡ଼ ପରଦା ଓ ଛୋଟ ପରଦାରେ କେବେ ସ୍ନେହୀ ତ କେବେ ଷ୍ଟ୍ରିକ୍ଟ ଦାଦିର ଅଭିନୟ କରି ନିଜର ସ୍ୱତନ୍ତ୍ର ଛାପ ଛାଡ଼ି ଯାଇଥିବା ସେଇ କେତେଜଣ ଦାଦି ମା'ଙ୍କ ସମ୍ପର୍କରେ...**


ସୁରେଖା ସିକ୍ରି

କାହାଣୀର ପେଡ଼ି ସେ। ସେ ହିଁ ଶୁଣନ୍ତି ପିଲାଙ୍କ ସବୁ ଅଳି ଅର୍ଦ୍ଦଳି। ତାଙ୍କରି ପଣତ ପୁଣି କେବେ ସାଜେ ବାପାମା'ଙ୍କ ଗାଳିମାଡ଼ରୁ ବଞ୍ଚିବାର ଆଶ୍ରୟସ୍ଥଳୀ। ସେଇ ସ୍ନେହମୟୀ ମଣିଷ ଜଣକ ହେଉଛନ୍ତି ସମସ୍ତଙ୍କ ପ୍ରିୟ ଜେଜେମା'। ବାସ୍ତବିକ ଜୀବନରେ ଯେମିତି ଜେଜେମା' ବା ଦାଦିଙ୍କ ମହତ୍ତ୍ୱ ଢେର୍ ବେଶି, ସେମିତି ରିଲ୍ ବା ପରଦାରେ ବି ଜେଜେମା' ବା ଦାଦି ମା' ଚରିତ୍ର ବିନା କାହାଣୀ ଲାଗେ ଫିକା। ପରଦା ଉପରେ ଜେଜେ ମା' ଚରିତ୍ରକୁ ଜୀବନ୍ତ ଭାବେ ଫୁଟାଇ ସମସ୍ତଙ୍କ ହୃଦୟରେ ଘର କରିଥିବା କେତେଜଣ ଦାଦି ଏଥରର ପ୍ରଚ୍ଛଦରେ..

**ଜେଜେମା' ଚରିତ୍ରରେ ଅଭିନୟ ଭିନ୍ନ ଖୁସି ଦେଉଛି : ଜୟା ସ୍ୱାମୀ–** ଦିନେ ଚୁଲବୁଲି ନାୟିକା ଭାବେ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ବେଶ୍ ନାଁ କମେଇଥିଲେ ଜୟା ସ୍ୱାମୀ। ପାର୍ଶ୍ୱ ନାୟିକା ହେଉ ଅଥବା ମୁଖ୍ୟ ନାୟିକା ; ଯାହାବି ଚରିତ୍ର ମିଳୁଥିଲା ତାକୁ ନିଖୁଣ ଭାବେ ପରଦା ଉପରେ ଫୁଟାଇବାକୁ ସେ ଚେଷ୍ଟା କରୁଥିଲେ। 'ହାକିମ ବାବୁ', 'ପୂଜା ଫୁଲ', 'ଜାଇଫୁଲ' ଆଦି ଓଡ଼ିଆ ଚଳଚ୍ଚିତ୍ରରେ ଜୟାଙ୍କ ଅଭିନୟ ଦର୍ଶକଙ୍କ ମନକୁ ବେଶ୍ ଛୁଇଁଯାଇଥିଲା। ଏପରିକି 'ହାକିମ ବାବୁ'ରେ ତାଙ୍କ ଅଭିନୟ ଓ ନୃତ୍ୟ ପାଇଁ ତାଙ୍କୁ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ମଧ୍ୟ ମିଳିଥିଲା। ପ୍ରଥମ ଓଡ଼ିଆ ରଙ୍ଗିନ ଚଳଚ୍ଚିତ୍ର 'ଗପ ହେଲେ ବି ସତ'କୁ ଦେଖି ଅଭିନୟକୁ କ୍ୟାରିୟର୍ କରିବାକୁ ଚାହୁଁଥିବା ଜୟାଙ୍କୁ ପରିବାରରେ ସମସ୍ତେ ସପୋର୍ଟ କରୁଥିଲେ ବି ତାଙ୍କ ମା' କିନ୍ତୁ ପ୍ରଥମେ ରାଜି ନ ଥିଲେ। ଜୟା ଓଡ଼ିଶୀ ନୃତ୍ୟ ଶିଖିଥିଲେ ତେଣୁ ସେଥିରେ କ୍ୟାରିୟର୍ କରୁ ବୋଲି ତାଙ୍କ ମା' ଚାହୁଁଥିଲେ। ହେଲେ ଜୟାଙ୍କର ଅଭିନୟ ପ୍ରତି ଆକର୍ଷଣ ଥିବା ଦେଖି ପୂରା ପରିବାର ଜୟାଙ୍କ ମା'ଙ୍କୁ ବୁଝାଇବାକୁ ଲାଗିପଡିଲେ। ଶେଷରେ ସମସ୍ତଙ୍କର କଥା ରହିଲା ଆଉ ଜୟା ଓଡ଼ିଆ ଚଳଚ୍ଚିତ୍ର 'ଝିଲମିଲ'ରୁ ନିଜର ଅଭିନୟ କ୍ୟାରିୟର୍ ଆରମ୍ଭ କଲେ। ଏଥିରେ ସେ ଶ୍ରୀରାମ ପଣ୍ଡାଙ୍କର ଭଉଣୀ ଚରିତ୍ରରେ ଅଭିନୟ କରିଥିଲେ। କ୍ରମେ ପାର୍ଶ୍ୱ ନାୟିକା, ନାୟିକା ଏହିପରି ସେ ଗୋଟିଏ ପରେ ଗୋଟିଏ ସଫଳତାର ଶିଡ଼ି ଚଢ଼ିଚାଲିଲେ। ମଝିରେ ଅବଶ୍ୟ କିଛି ବର୍ଷ ସେ ଅଭିନୟରୁ ଦୂରେଇ ଯାଇଥିଲେ। ଏବେ କିନ୍ତୁ ସେ ପୁଣିଥରେ ଫେରିଛନ୍ତି ଅଭିନୟ ଜଗତକୁ। ତାଙ୍କର ଏହି ଲେଉଟାଣି ପର୍ବରେ ଅନ୍ୟାନ୍ୟ ଚରିତ୍ର ସହ ଜେଜେମା' ଚରିତ୍ର ଏବେ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସୁଛି। ବିଶେଷକରି ଧାରାବାହିକ 'ସନ୍ଧ୍ୟା ରାଗିଣୀ'ରେ ମିଳିଥିବା ଜେଜେମା' କ୍ୟାରେକ୍ଟରଟି ତାଙ୍କୁ ବେଶ୍ ମାଇଲେଜ୍ ଦେଇଛି। ଏଥିରେ ସେ 'ଭୈରବୀ ଦେବୀ' ଚରିତ୍ରରେ ଅଭିନୟ କରୁଛନ୍ତି। ୟା'ପୂର୍ବରୁ 'କାହାର ହେବି ମୁଁ କଣ୍ଢେଇ' ଧାରାବାହିକରେ କଣ୍ଢେଇ ଚରିତ୍ରରେ ଅଭିନୟ କରିଥିବା ଅଭିନେତ୍ରୀଙ୍କର ଜେଜେମା' କୌଶଲ୍ୟା କ୍ୟାରେକ୍ଟରରେ ଜୟା ଅଭିନୟ କରି ଦର୍ଶକଙ୍କର ମନ ଜିଣିଥିଲେ। ତା'ଛଡ଼ା 'ଅପରାହ୍ନର ସୂର୍ଯ୍ୟ' ଚଳଚ୍ଚିତ୍ରରେ ବି ଜୟା ଜେଜେମା'ର ଚରିତ୍ରରେ ଅଭିନୟ କରିଛନ୍ତି। ଏ ନେଇ ଜୟା କୁହନ୍ତି, 'ମୁଁ ସବୁବେଳେ ଭିନ୍ନ ଭିନ୍ନ ଚରିତ୍ରରେ ଅଭିନୟ କରିବାକୁ ଭଲପାଏ। ବୟସ ଥିଲା ନାୟିକା ହେଉଥିଲି ଆଉ ଏବେ ମା' ହେଉ କି ଜେଜେ ମା' ; ଯାହାବି ଚରିତ୍ର ମିଳୁଛି ସେଥିରେ ଶତ ପ୍ରତିଶତ ଦେବାକୁ ଚେଷ୍ଟା କରୁଛି। ତେବେ ଜେଜେମା' ଚରିତ୍ରରେ ଅଭିନୟ ମୋତେ ଭିନ୍ନ ଖୁସି ଦେଉଛି।'


ଫରିଦା ଜଲାଲ

**ଜେଜେମା' ଚରିତ୍ରରେ ଅଭିନୟ ମୋ ବ୍ୟକ୍ତିତ୍ୱକୁ ବଦଳାଇଦେଲା: ଈଶା ବେବର୍ତ୍ତା**

ବ୍ୟକ୍ତିଗତ ଜୀବନରେ ଜଣେ ଅବିବାହିତା ମହିଳା ହେଲେ ବି ପରଦା ଉପରେ ମା' ଓ ଜେଜେମା' ଚରିତ୍ରରେ ଅଭିନୟ କରିବାରେ ଈଶା ବେବର୍ତ୍ତା ବେଶ୍ ମାହିର। ଦିନ ଥିଲା ସିଏ ଅଭିନୟ କ'ଣ ଜାଣି ନ ଥିଲେ,କିନ୍ତୁ ଗୀତ ଭଲ ଗାଉଥିଲେ। ହିନ୍ଦୁସ୍ତାନୀ କ୍ଲାସିକାଲରେ ସେ ବିଶାରଦ ପାସ୍ କରିଥିଲେ। ସଙ୍ଗୀତ କ୍ଷେତ୍ରରେ ନାଁ କରିବାକୁ ସେ ଥରେ କଟକ ଅଲ୍ ଇଣ୍ଡିଆ ରେଡିଓକୁ ଅଡିଶନ ଦେବାକୁ ଆସିଥିଲେ। ସମୟକ୍ରମେ ତାଙ୍କର ଅକ୍ଷୟ ମହାନ୍ତିଙ୍କ ସହ ଦେଖା ହେଲା ଆଉ ସିଏ ତାଙ୍କ ମ୍ୟୁଜିକାଲ ଗ୍ରୁପରେ କାମ କରିବାକୁ ଲାଗିଲେ। ଅକ୍ଷୟ ମହାନ୍ତିଙ୍କ ସହ ମିଶି ବିଭିନ୍ନ ଷ୍ଟେଜ୍ ଶୋ'ରେ ଗୀତ ଗାଇବା ପରେ ତାଙ୍କୁ କ୍ରମେ ଓଡ଼ିଆ ଚଳଚ୍ଚିତ୍ରରେ ଗୀତ ଗାଇବାର ସୁଯୋଗ ମିଳିଥିଲା। 'କସ୍ତୁରି', 'ଘର ମୋର ସ୍ୱର୍ଗ' ଆଦି କେତେକ ଚଳଚ୍ଚିତ୍ରରେ ସେ କଣ୍ଠଦାନ କଲେ। ଏଇ ଗୀତ ଗାଇବା ଭିତରେ ତାଙ୍କୁ କଳା ବିକାଶ କେନ୍ଦ୍ର ତରଫରୁ ପ୍ରସ୍ତୁତ ଏକ ନାଟକ 'ଅନୁବନ୍ଧନ'ରେ ମୁଖ୍ୟ ନାୟିକା ଭାବେ ଅଭିନୟ କରିବାର ସୁଯୋଗ ମିଳିଥିଲା। ଅଭିନୟର 'ଅ' ଅକ୍ଷର ଜାଣି ନ ଥିବା ଈଶା କିନ୍ତୁ ସେଥିରେ ଏତେ ସୁନ୍ଦର ଅଭିନୟ କଲେ ଯେ, ତାଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ମିଳିଥିଲା। ଏଇଟା ହିଁ ଥିଲା ତାଙ୍କ ଅଭିନୀତ ପ୍ରଥମ ଓ ଶେଷ ନାଟକ। ତା'ପରେ ଈଶା 'ଜାଇଫୁଲ' ଚଳଚ୍ଚିତ୍ରରେ ଜୟା ସ୍ୱାମୀଙ୍କର ମା' ଭୂମିକାରେ ଅଭିନୟ କରିବାର ସୁଯୋଗ ପାଇଲେ। ବାସ୍ ତା'ପରଠୁ ତାଙ୍କୁ ଗୋଟିଏ ପରେ ଗୋଟିଏ ଚଳଚ୍ଚିତ୍ରର ଅଫର୍ ମିଳିଚାଲିଲା। ବିଶେଷକରି ତାଙ୍କର ନେଗେଟିଭ୍ ଚରିତ୍ରରେ ଅଭିନୟକୁ ଦର୍ଶକେ ଖୁବ୍ ପସନ୍ଦ କଲେ। 'ଆମ ଘର ଆମ ସଂସାରରେ' ଈଶାଙ୍କର ଦମଦାର୍ ଅଭିନୟକୁ ଦର୍ଶକେ ଖୁବ୍ ପ୍ରଶଂସା କରିବା ସହ ତାଙ୍କୁ ଏଥିପାଇଁ ବେଷ୍ଟ ସର୍ପୋଟିଂ ଆକ୍ଟ୍ରେସର ଆୱାର୍ଡ ମିଳିଥିଲା। ବେଶ୍ କିଛି ବର୍ଷ ନେଗେଟିଭ୍ ଚରିତ୍ରରେ ମା' କିମ୍ବା ଶାଶୁ ଭୂମିକାରେ ଅଭିନୟ କରିବା ପରେ ଈଶାଙ୍କୁ 'ମହାଯଜ୍ଞ' ଧାରାବାହିକରେ ପ୍ରଥମେ ଜଣେ ଦାୟିତ୍ୱସମ୍ପନ୍ନ ସ୍ନେହୀ ଜେଜେମା'ର ଭୂମିକା ମିଳିଥିଲା ; ଯାହାକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ। ତା'ପରେ ଡିଡି ଓଡ଼ିଆ ତରଫରୁ 'କଥା ସରିତା' ଶୀର୍ଷକ ଗୋଟିଏ ଆଈମା' ତା'ର ନାତିନାତୁଣୀଙ୍କୁ ବିଭିନ୍ନ ହିତୋପଦେଶ କାହାଣୀ କହୁଥିବାର ସିରିଜ୍‌ରେ ଈଶାଙ୍କୁ ଆଈମା' ଭୂମିକାରେ ଦେଖିବାକୁ ମିଳିଥିଲା ; ଯାହାକୁ ବି ଖୁବ୍ ଲୋକପ୍ରିୟତା ମିଳିଲା। ସେହିପରି 'ସୌଭାଗ୍ୟବତୀ', 'ସୁହାଗ ସିନ୍ଦୂର', 'ଖୁସିର ଚୁଲ୍' ଆଦି ଧାରାବାହିକ ଏବଂ 'ପ୍ରିୟେ ତୁ ମୋ

→

ସିଏ' ଫିଲ୍ମରେ ଜେଜେମା' ଭୂମିକାରେ ଅଭିନୟ ଈଶାଙ୍କୁ ନିଆରା ଆନନ୍ଦ ପ୍ରଦାନ କରିଥିଲା। ଏ ନେଇ ଈଶା କୁହନ୍ତି, 'ପ୍ରାୟତଃ ରାଗି ମା' କିମ୍ବା ଖଳ ଶାଶୁ ଭୂମିକାରେ ମୋ ଅଭିନୟକୁ ଦେଖିଦେଖି ଦର୍ଶକଙ୍କ ମନରେ ମୋ ବ୍ୟକ୍ତିତ୍ୱକୁ ନେଇ ଗୋଟେ ଖରାପ ଛାପ ରହିଯାଇଥିଲା। କିନ୍ତୁ ଏଇ ଯେଉଁ କେତୋଟି ସ୍ନେହୀ ଜେଜେମା'ର କ୍ୟାରେକ୍ଟର ମୁଁ କଲି ତାହା ମୋ ଇମେଜ୍‌କୁ ବଦଳାଇଦେଲା। ନଚେତ୍ ଲୋକଙ୍କ ମନରେ ମୁଁ ସବୁବେଳ ପାଇଁ ସେମିତି ଖଳନାୟିକା ହୋଇ ରହିଯାଇଥାନ୍ତି।'

## ବଲିଉଡ୍‌ର ପ୍ରିୟ ଦାଦି ଜୋହରା ସେହଗଲ

ଜୋହରା ସେହଗଲଙ୍କର ପ୍ରକୃତ ନାମ ସାହିବଜାଦି ଜୋହରା ମୁମତାଜ ଉଲ୍ଲାହ ଖାନ ବେଗମ୍। ସେ ହେଲେ ଜଣେ ଲୋକପ୍ରିୟ ଅଭିନେତ୍ରୀ, ନୃତ୍ୟାଙ୍ଗନା ତଥା କୋରିଓଗ୍ରାଫର୍। କିନ୍ତୁ ଛୋଟବେଳୁ ଟମ୍‌ବୟ ସ୍ୱଭାବର ଥିଲେ ଜୋହରା। ଗଛ ଚଢିବା, ବିଭିନ୍ନ ପ୍ରକାରର ଆଉଟ୍‌ଡୋର୍ ଗେମ୍ ଖେଳିବାରେ ତାଙ୍କର ରୁଚି ରହୁଥିଲା। କମ୍ ବୟସର ଥିବାବେଳେ ଗ୍ଲୁକୋମା ଯୋଗୁ ଜୋହରାଙ୍କର ଗୋଟିଏ ଆଖି ନଷ୍ଟ ହୋଇଯାଇଥିଲା। ସମ୍ଭ୍ରାନ୍ତ ପରିବାରରେ ଜନ୍ମ ହୋଇଥିବା ଯୋଗୁ ପରିବାର ଲୋକେ ବହୁ ଅର୍ଥ ଖର୍ଚ୍ଚ କରି ତାଙ୍କ ଆଖିକୁ ପୁଣିଥରେ ଠିକ୍ କରାଇଥିଲେ। ତା'ପରେ ତାଙ୍କର ପାଠପଢା ଚାଲିଲା। ନୃତ୍ୟ ପ୍ରତି ରୁଚି ଥିବା ଯୋଗୁ ପରେ ଜର୍ମାନର ଲୋକପ୍ରିୟ ଡ୍ୟାନ୍ସର ତଥା କୋରିଓଗ୍ରାଫର୍ ମାରି ୱିଗମାନଙ୍କ ତତ୍ତ୍ୱାବଧାନରେ ତିନିବର୍ଷ ମଡର୍ନ ଡ୍ୟାନ୍ସ ଉପରେ ସେ କୋର୍ସ କଲେ। ସମୟକ୍ରମେ ତାଙ୍କର ଭାରତର ଲୋକପ୍ରିୟ ଡ୍ୟାନ୍ସର ତଥା କୋରିଓଗ୍ରାଫର୍ ଉଦୟ ଶଙ୍କରଙ୍କ ସହ ପରିଚୟ ହେଲା। ତାଙ୍କ ଡ୍ୟାନ୍ସିଂ ଟ୍ରୁପ୍‌ରେ ମିଶି ଦେଶ ତଥା ବିଦେଶର ବିଭିନ୍ନ ସ୍ଥାନରେ ନୃତ୍ୟ ପରିବେଷଣ କରିବା ଦ୍ୱାରା ଜୋହରାଙ୍କର କ୍ରମେ ପରିଚିତି ବଢିଲା। ଏଇ ଭିତରେ ଜୋହରା ନିଜଠାରୁ ୮ ବର୍ଷ ସାନ ଇନ୍ଦୋରର ଜଣେ ଯୁବ ବୈଜ୍ଞାନିକ, ପେଣ୍ଟର ତଥା ଡ୍ୟାନ୍ସର କାମେଶ୍ୱର ସେହଗଲଙ୍କୁ ପ୍ରେମ ବିବାହ କଲେ ଏବଂ ଲାହୋର ଯାଇ ସେଠାରେ ନିଜର ଏକ ଡ୍ୟାନ୍ସ ଏକାଡେମୀ ଖୋଲିଲେ। ହେଲେ ଭାରତ ବିଭାଜନ କଥା ଉଠିବାରୁ ସେମାନେ ଲାହୋର ଛାଡି ବମ୍ବେ ଆସିଲେ ଆଉ ଏଠି ଜୋହରା ଥିଏଟର୍‌ରେ ଅଭିନୟ କରିବାକୁ ଲାଗିଲେ। ଏହି ସମୟରେ ତାଙ୍କୁ 'ଧର୍‌ତି କେ ଲାଲ୍' ଓ 'ନିଚା ନଗର' ଶୀର୍ଷକ ଫିଲ୍ମରେ ଅଭିନୟ କରିବାର ସୁଯୋଗ ମିଳିଲା। ନିଜ କ୍ୟାରିୟରକୁ ଟିକେ ସଜାଡିବାକୁ ଚେଷ୍ଟା କରୁଥିବାବେଳେ ହଠାତ୍ ତାଙ୍କ ସ୍ୱାମୀଙ୍କର ମୃତ୍ୟୁ ହେଲା। ଦୁଃଖର କଳାବାଦଲ ଘନେଇଗଲା ତାଙ୍କ ଜୀବନରେ। ନିଜକୁ ସମ୍ଭାଳି ପୁଣିଥରେ ନିଜ କ୍ୟାରିୟରକୁ ସଜାଡିବାକୁ ସେ ଚେଷ୍ଟା କଲେ। ଏଥିପାଇଁ ତାଙ୍କୁ ବହୁ କଷ୍ଟ କରିବାକୁ ପଡିଥିଲା। ଶେଷରେ ସେ ସଫଳ ମଧ୍ୟ ହେଲେ। କେବଳ ବଲିଉଡ୍ ନୁହେଁ ନିଜ ଚେଷ୍ଟା ବଳରେ ସେ ଅନେକ ବ୍ରିଟିଶ ଫିଲ୍ମ ଓ ଟେଲିଭିଜନ୍ ସିରିଏଲ୍‌ରେ ମଧ୍ୟ ଅଭିନୟ କଲେ। ତା'ସହିତ କୋରିଓଗ୍ରାଫୀ ବି କରିବାକୁ ଲାଗିଲେ। ତେବେ ହିନ୍ଦୀ ସିନେମା ଜଗତରେ ବିଭିନ୍ନ ଚରିତ୍ରରେ ନିଖୁଣ ଭାବେ ଅଭିନୟ କରି ଖୁବ୍ ଲୋକପ୍ରିୟତା ହାସଲ କରିବା ପରେ ଜୋହରା କ୍ରମେ ଦାଦି ବା ଜେଜେମା'/ନାନୀ ବା ଆଈ ଭୂମିକାରେ ଅଭିନୟ କରିବାକୁ ଲାଗିଲେ। ସୂଚନାନୁଯାୟୀ, ଜୋହରା ଏବଂ ତାଙ୍କର ଜଣେ ଭଉଣୀ ଉଜରା ବୁଟ୍ଟଙ୍କ ଉପରେ ପର୍ଯ୍ୟବସିତ ଏକ ଲୋକପ୍ରିୟ ନାଟକ 'ଏକ ଥି ନାନୀ' ଥରେ ଲାହୋରରେ ପରିବେଷଣ କରାଯାଇଥିଲା ; ଯାହାକି ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଥିଲା। ପରେ ଏହାର ଇଂଲିଶ ଭର୍ସନ 'ଏ ଗ୍ରାନୀ ଫର୍ ଅଲ୍ ସିଜନ୍ସ' ବି ପ୍ରସ୍ତୁତ ହୋଇଥିଲା ; ତାକୁ ମଧ୍ୟ ଦର୍ଶକଙ୍କର ପ୍ରଶଂସା ମିଳିଥିଲା। ସେହିପରି ବଲିଉଡ୍ ଫିଲ୍ମ 'ଦିଲ୍ ସେ', 'ହମ୍ ଦିଲ୍ ଦେ ଚୁକେ ସନମ୍', 'ବୀର୍ ଜାରା', 'ଚଲୋ ଇସ୍କ ଲଡାୟେ' ଇତ୍ୟାଦିରେ ଜୋହରା ସେହଗଲଙ୍କ ଦ୍ୱାରା ଅଭିନୟ କରାଯାଇଥିବା ଦାଦି ଚରିତ୍ରଗୁଡ଼ିକ ଦର୍ଶକଙ୍କ ମନକୁ ବେଶ୍ ଛୁଇଁ ଯାଇଥିଲା। ସେଥିପାଇଁ ଜୋହରା ସେହଗଲ୍‌ଙ୍କୁ ବଲିଉଡ୍‌ର ପ୍ରିୟ ଦାଦି ବୋଲି ଅନେକେ ସମ୍ବୋଧନ କରିଥାନ୍ତି। କିନ୍ତୁ ଏହି ଦାଦି ଆଉ ନାହାନ୍ତି, ୨୦୧୪ରୁ ତାଙ୍କର ମୃତ୍ୟୁ ହୋଇସାରିଛି।

## ପ୍ରିୟ ବଲିଉଡ୍ ଦାଦି ଦିନା ପାଠକ

ଉଭୟ ହିନ୍ଦୀ ଓ ଗୁଜୁରାଟୀ ଫିଲ୍ମ ଜଗତର ଜଣେ ନାମକରା ଅଭିନେତ୍ରୀ ହେଲେ ଦିନା ପାଠକ। ତା'ସହିତ ସିଏ ଜଣେ ଥିଏଟର୍ ଆର୍ଟିଷ୍ଟ ମଧ୍ୟ। ପ୍ରାୟ ୬୦ ବର୍ଷର ଅଭିନୟ କ୍ୟାରିୟର୍ ମଧ୍ୟରେ ଦିନା ପ୍ରାୟ ୧୨୦ରୁ ଊର୍ଦ୍ଧ୍ୱ ହିନ୍ଦୀ ଓ ଗୁଜୁରାଟୀ ଫିଲ୍ମରେ ଅଭିନୟ କରିଥିବା ସୂଚନା ରହିଛି। ତାଙ୍କ ଅଭିନୀତ କେତୋଟି ଚର୍ଚ୍ଚିତ ହିନ୍ଦୀ ଫିଲ୍ମ ହେଲା ଗୋଲ୍ ମାଲ୍, ଖୁବ୍‌ସୁରତ୍, କୋସିଶ୍, ଉମାରାଓ ଜାନ, ମିର୍ଚ୍ଚ ମସାଲା, ମୋହନ ଜୋଶି ହାଜିର ହୋ ଇତ୍ୟାଦି। ଗୁଜରାଟରେ ଜନ୍ମିତ ଦିନାଙ୍କର ପିଲାଟି ଦିନରୁ ଫ୍ୟାଶନ ଓ ଫିଲ୍ମ ପ୍ରତି ଦୁର୍ବଳତା ରହିଆସିଥିଲା। ସେଥିପାଇଁ ପଢା ସହିତ ସେ ପ୍ରଥମେ ଇଣ୍ଡିଆନ୍ ନ୍ୟାଶନାଲ୍ ଥିଏଟର୍‌ରେ ନିଜର ଅଭିନୟ କ୍ୟାରିୟର୍ ଆରମ୍ଭ କରିଥିଲେ। ପରେ ପରେ ଗୁଜରାଟର ଏକ ଥିଏଟର୍‌ରେ ବି କାମ କରିବାକୁ ଲାଗିଲେ। 'କରିୟାୱାର୍' ଶୀର୍ଷକ ଏକ ଗୁଜରାଟୀ ଫିଲ୍ମରୁ ସେ ନିଜର ଫିଲ୍ମ କ୍ୟାରିୟର୍ ଆରମ୍ଭ କରିଥିଲେ। ତାଙ୍କର ଦମ୍‌ଦାର ଅଭିନୟ ଯୋଗୁ ତାଙ୍କୁ ଗୋଟେ ପରେ ଗୋଟେ ଗୁଜରାଟୀ ଫିଲ୍ମର ଅଫର୍ ମିଳିଚାଲିଲା। ଖୁବ୍ କମ୍ ଦିନରେ ସେ ଗୁଜରାଟୀ ସିନେମା ଜଗତରେ ରାଜ୍ କରିବାକୁ ଲାଗିଲେ। ଏହି ଭିତରେ ସେ ଅହମଦାବାଦ୍‌ରେ 'ନାଟମଣ୍ଡଳ' ନାମକ ନିଜର ଏକ ଥିଏଟର୍ ଗ୍ରୁପ୍ ଖୋଲିଲେ। ଏହି ଗ୍ରୁପ୍ ତରଫରୁ ଖୁବ୍ ଭଲ ଭଲ ନାଟକ ପରିବେଷଣ ବି କରାଗଲା। ନାଟକ କଥା ବୁଝିବା ସହ ଏହି ସମୟରେ ଦିନା ସତ୍ୟକାମ, ସାତ ହିନ୍ଦୁସ୍ତାନୀ ନାମକ ହିନ୍ଦୀ ଫିଲ୍ମରେ ମଧ୍ୟ ଅଭିନୟ କରିବାକୁ ଲାଗିଲେ। ବଲିଉଡ୍‌ରେ ବି ତାଙ୍କର ଭଲ ନାଁ ହେଲା। ବେଶ୍ କିଛି ଦିନ ବିଭିନ୍ନ ଚରିତ୍ରରେ ଅଭିନୟ କରିବା ପରେ ତାଙ୍କୁ ମା' ଓ ପରେ ପରେ ଜେଜେମା' ବା ଦାଦି ଭୂମିକାରେ ଅଭିନୟ କରିବାକୁ ସୁଯୋଗ ଦିଆଗଲା। ଏହି ଚରିତ୍ରକୁ ବି ଖୁବ୍ ନିଖୁଣ ଭାବେ ପରଦାରେ ଫୁଟାଇଲେ ଦିନା ପାଠକ ଆଉ ବନିଗଲେ ବଲିଉଡ୍‌ର ପ୍ରିୟ ଦାଦି। ସେହିପରି ପପୁଲାର୍ ଟିଭି ସିରିଜ୍ 'ମାଲ୍‌ଗୁଡ଼ି ଡେଜ୍'ର କିଛି ଏପିସୋଡ୍‌ରେ ଅଭିନୟ କରି ଦିନା ନିଆରା ଲୋକପ୍ରିୟତା ମଧ୍ୟ ପାଇଥିଲେ। କିନ୍ତୁ ବଲିଉଡ୍‌ର ଏହି ଦାଦିଙ୍କ ୨୦୦୨ରେ ମୃତ୍ୟୁ ହୋଇଥିଲା।

## ବାଳିକା ବଧୂର ଦାଦିଶା ସୁରେଖା ସିକ୍ରି

ଥରେ ମନେ ପକାନ୍ତୁ ତ କଲର୍ସ ଟିଭିର ସେଇ ଲୋକପ୍ରିୟ ଧାରାବାହିକ 'ବାଳିକା ବଧୂ' କଥା। ଏଥିରେ ଯିଏ ଦାଦିଶା ଭୂମିକାରେ ଦମ୍‌ଦାର ଅଭିନୟ କରୁଥିଲେ ସେ କିଏ ଜାଣନ୍ତି, ସେ ହେଲେ ସୁରେଖା ସିକ୍ରି। ଯିଏକି ଜଣେ ଲୋକପ୍ରିୟ ଥିଏଟର୍, ଫିଲ୍ମ ତଥା ଟେଲିଭିଜନ ଅଭିନେତ୍ରୀ। ଅଭିନୟରେ ପାରଦର୍ଶିତା ପାଇଁ ସିଏ ଫିଲ୍ମ ଫେୟାର୍ ଆୱାର୍ଡ ଓ ନ୍ୟାଶନାଲ୍ ଫିଲ୍ମ ଆୱାର୍ଡ ବି ପାଇଛନ୍ତି।


ଜୟା ସ୍ୱାମୀ

ପଲିଟିକାଲ୍ ଡ୍ରାମା ଫିଲ୍ମ 'କିସା କୁର୍ସି କା'ରୁ ସେ ପରଦାରେ ନିଜର ଅଭିନୟ କ୍ୟାରିୟର୍ ଆରମ୍ଭ କରିଥିଲେ। ଅଭିନୟରେ ଭଲ ଦକ୍ଷତା ଥିବା ଯୋଗୁ ତାଙ୍କୁ ଗୋଟେ ପରେ ଗୋଟେ ଫିଲ୍ମରେ ଅଭିନୟ କରିବାର ଅଫର୍ ମିଳିଚାଲିଲା। ପରେ ପରେ ଟିଭି ସିରିଏଲ୍‌ରେ ମଧ୍ୟ ସିଏ ଅଭିନୟ କରିବାକୁ ଲାଗିଲେ। ବିଭିନ୍ନ ଚରିତ୍ରରେ ନିଖୁଣ ଅଭିନୟ କରିବାରେ ତାଙ୍କର ବେଶ୍ ଦକ୍ଷତା ଥିଲା। କିନ୍ତୁ ତାଙ୍କର ନେଗେଟିଭ୍ ରୋଲ୍‌କୁ ଦର୍ଶକ ବେଶି ପସନ୍ଦ କରୁଥିଲେ। ଏହି ଭିତରେ ତାଙ୍କୁ 'ବାଳିକା ବଧୂ' ସିରିଏଲ୍‌ର ଦାଦିଶା ଭୂମିକା ମିଳିଲା। ମୁଖ୍ୟତଃ ଦାଦିଶା/ ଦାଦି ବା ଜେଜେମା' କହିଲେ ଜଣେ ସ୍ନେହୀ ମହିଳାଙ୍କର ଛବି ଆଖି ଆଗରେ ନାଚିଯାଏ। କିନ୍ତୁ ବାଳିକା ବଧୂର ଦାଦିଶା ଥିଲେ ପୁରା ଓଲଟା। ନିୟମକାନୁନରେ ଟିକେ ଏପଟ ସେପଟ ହେଲେ ତାଙ୍କର ରାଗ ମୁଣ୍ଡ ଉପରକୁ ଚଢି ଯାଉଥିଲା ; ଯାହାକୁ ସାମ୍ନା କରିବା କାଠିକରପାଠ ହୋଇଯାଉଥିଲା। ସତରେ ଏହି ଦାଦିଶା ଚରିତ୍ରଟିକୁ ବେଶ୍ ଭଲ ଭାବେ ପରଦା ଉପରେ ପରିବେଷଣ କରି ନିଜର ଏକ ଭିନ୍ନ ପରିଚୟ ସୃଷ୍ଟି କରିଥିବା ସୁରେଖା ସିକ୍ରିଙ୍କର କିନ୍ତୁ ୨୦୨୧ ମସିହାରେ ମୃତ୍ୟୁ ହେଲା।

## ମା' ଓ ଜେଜମା' ଭୂମିକା ଫରିଦା ଜଲାଲଙ୍କୁ ଖୁବ୍ ମାନେ


ରୂପରେ ଯେମିତି ସୁନ୍ଦର ଅଭିନୟରେ ସେମିତି ପରିପକ୍ୱ ଫରିଦା ଜଲାଲ। ପାଖାପାଖି ୫୦ ବର୍ଷର ଅଭିନୟ କ୍ୟାରିୟର୍ ଭିତରେ ସେ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଫିଲ୍ମରେ ଅଭିନୟ କରିସାରିଥିବା ସୂଚନା ରହିଛି। ଖାସ୍ କରି ମା' ଭୂମିକାରେ ତାଙ୍କର ଅଭିନୟ ବେଶ୍ ମନଛୁଆଁ ଲାଗେ। କେବଳ ମା' କାହିଁକି ଜେଜେମା' ବା ଦାଦି ଭୂମିକା ବି ସେ ଖୁବ୍ ନିଖୁଣ ଭାବେ କରିପାରନ୍ତି। ଥରେ ମନେ ପକାନ୍ତୁ ତ 'କୁଛ୍ କୁଛ୍ ହୋତା ହୈ'ର ଫରିଦା ଜଲାଲଙ୍କର ସେଇ ଦାଦି ଚରିତ୍ରକୁ ; ଯେଉଁଥିରେ ସେ ଶାହାରୁଖଙ୍କ ଝିଅର ଦାଦି ସାଜିଛନ୍ତି। ନିଜ ପୁଅର ଜୀବନରେ ପୁଣିଥରେ ଖୁସି ଫେରେଇ ଆଣିବା ପାଇଁ ନାତୁଣୀ ସହ ମିଶି ସେ କେମିତି ପ୍ଲାନିଂ କରିଛନ୍ତି ଆଉ ସେଥିରେ ସଫଳ ହୋଇଛନ୍ତି। କେବଳ ଏହି ଗୋଟିଏ ଫିଲ୍ମ ନୁହଁ ଆହୁରି ଅନେକ ଫିଲ୍ମରେ ବି ଫରିଦା ଦାଦି ଭୂମିକାରେ ଅଭିନୟ କରି ଦର୍ଶକଙ୍କର ମନ ଜିଣିଛନ୍ତି।

କେବଳ ଏମାନେ ନୁହନ୍ତି, ଓଲିଉଡ୍ ହେଉକି ବଲିଉଡ୍ ଫିଲ୍ମ ଜଗତରେ ଆହୁରି ଏମିତି ଅନେକ ଉଚ୍ଚକୋଟୀର ଅଭିନେତ୍ରୀ ଅଛନ୍ତି ଯେଉଁମାନେ ଜେଜେମା' ବା ଦାଦି ଭୂମିକାରେ ଅଭିନୟ କରି ନିଜର ଏକ ନିଆରା ଛାପ ଛାଡିଛନ୍ତି।


**–ଅନ୍ୱିତା ମିଶ୍ର**


ଈଶା ଦେବର୍ତ୍ତୀ


ଦିନା ପାଠକ


ଟେଡ ରିଚାର୍ଡସ୍

# ପ୍ରାଣୀଙ୍କ ପ୍ରେମରେ ପ୍ରାଣୀ ପାଲଟିଲେ


ଡେନିସ୍ ଆଭନର୍

**ସୁପର୍ ମ୍ୟାନ୍, ସ୍ପାଇଡର ମ୍ୟାନ୍, ବ୍ୟାଟ ମ୍ୟାନ୍ ଆଦି କାଳ୍ପନିକ ଚରିତ୍ରମାନଙ୍କ ସମ୍ପର୍କରେ ତ ପ୍ରାୟ ସମସ୍ତେ ଜାଣନ୍ତି। ହେଲେ ପ୍ୟାରୋଟ୍ ମ୍ୟାନ୍, ଲିଜାର୍ଡ ମ୍ୟାନ୍, ଡ୍ରାଗନ୍ ଲେଡିଙ୍କ ସମ୍ପର୍କରେ ହୁଏ ତ ଅନେକେ ଜାଣି ନ ଥିବେ। ଏମାନେ କୌଣସି ସୁପର୍ ହିରୋ ନୁହନ୍ତି, ବରଂ ପଶୁପକ୍ଷୀଙ୍କୁ ଭଲ ପାଉଥିବା କେତେଜଣ ମଣିଷ। ଯେଉଁମାନେ ପ୍ରାଣୀଙ୍କୁ ଏତେ ଭଲ ପାଆନ୍ତି ଯେ, ଶେଷରେ ନିଜ ଶରୀରକୁ ବି ପ୍ରାଣୀଙ୍କ ଭଳି କରିଦେଇଛନ୍ତି...**


ଏରିକ୍ ସ୍ପ୍ରଗ




ଟିଆମତ ଇଭା ମେଡୁସା


**ପ୍ୟାରୋଟ୍ ମ୍ୟାନ:** ୟୁ.କେ., ବ୍ରିଷ୍ଟୋଲର ଟେଡ ରିଚାର୍ଡସ୍ ଶୁଆକୁ ବହୁତ ଭଲ ପାଆନ୍ତି। ଶୁଆର ଶାରୀରିକ ଗଠନ, ରଙ୍ଗ ସବୁକିଛି ତାଙ୍କୁ ଆକର୍ଷିତ କରେ। ଶେଷରେ ସେ ଏତେ ମାତ୍ରାରେ ଶୁଆ ମୋହରେ ପଡ଼ିଗଲେ ଯେ ନିଜକୁ ଶୁଆରେ ପରିବର୍ତ୍ତିତ କରିବାକୁ ଚିନ୍ତା କଲେ। ଆଉ ଏଥିପାଇଁ ସେ ଟାଟୁ ଓ ସର୍ଜରିର ସାହାଯ୍ୟ ନେଲେ। ୫୭ ବର୍ଷୀୟ ରିଚାର୍ଡ ପ୍ରଥମେ ନିଜ ପ୍ରିୟ ଶୁଆ ମୁହଁରେ ଥିବା ପାଞ୍ଚ ରଙ୍ଗର ପର ଭଳି ଟାଟୁ ନିଜ ଚେହେରାରେ କରାଇଲେ। ଏହାପରେ ସର୍ଜରି ମାଧମରେ ନିଜର କାନ କାଟି ବାହାର କରିଦେଲେ। ରିସ୍କ ନେଇ ଆଖିରେ ଲାଲ ରଙ୍ଗର ଟାଟୁ କରାଇଲେ ଓ ମୁଣ୍ଡରେ ଶିଙ୍ଗ ଲଗାଇଲେ। ମୁଣ୍ଡରୁ ପାଦ ପର୍ଯ୍ୟନ୍ତ ୧୧୦ରୁ ଊର୍ଦ୍ଧ୍ୱ ଟାଟୁ କରାଇଲେ, ଯାହାକି ଔଜ୍ଜ୍ୱଲ୍ୟମାନ ଲାଲ, ସବୁଜ, ନୀଳ ରଙ୍ଗର। ତା'ସହ ସେ ୫୦ଟି ବଡି ପିୟର୍ସିଂ କରାଇଛନ୍ତି ଓ ଜିଭକୁ ଦୁଇ ଫାଳ ବି କରାଇଛନ୍ତି। ଏସବୁ କରାଇବାବେଳେ ତାଙ୍କୁ କମ୍ କଷ୍ଟ ସହିବାକୁ ପଡ଼ିନି । ତଥାପି ଶୁଆ ହେବା ନିଶାରେ ସେ ସବୁ କଷ୍ଟ ସହି ଯାଇଛନ୍ତି। ଆଉ ନିଜ ପେନ୍‌ସନ ଟଙ୍କା ସବୁ ଏଥିପାଇଁ ଖର୍ଚ୍ଚ କରିଦେଇଛନ୍ତି।


**ଲିଜାର୍ଡ ମ୍ୟାନ:** ଏରିକ୍ ସ୍ପ୍ରଗ ଆମେରିକାର ଜଣେ ସାଇଡ ଶୋ' ପରଫର୍ମର। ହେଲେ ସେ ବେଶ୍ ପରିଚିତ 'ଲିଜାର୍ଡ ମ୍ୟାନ' ଭାବେ। କାରଣ ସେ ସେ ଝିଟିପିଟି ପରି ଦେଖାଯିବା ଲାଗି ନିଜ ଶରୀରରେ ଅନେକ ପରିବର୍ତ୍ତନ କରାଇଛନ୍ତି। କେଣ୍ଟୁକିର କ୍ୟାମ୍ପବେଲରେ ଜନ୍ମିତ ଏରିକ୍ ଶରୀରରେ ସବୁଜ ରଙ୍ଗର କାତି ଭଳି ଟାଟୁ କରାଇଛନ୍ତି। ଜିଭକୁ ଦୁଇ ଫାଳ କରାଇଛନ୍ତି, ଚର୍ମ ଭିତରେ ଇମ୍ପ୍ଲାଣ୍ଟ କରାଇ ଗୋଲ ଗୋଲ ଉଠିଲା ଭଳି କରାଇଛନ୍ତି। ଦାନ୍ତକୁ ମୁନିଆ ଓ ଓଠକୁ ସବୁଜ କରାଇଛନ୍ତି। ଏଭଳି ପରିବର୍ତ୍ତନ କେବଳ ତାଙ୍କ ପରଫରମାନ୍ସ ପାଇଁ ନୁହେଁ, ବରଂ ସେ ଝିଟିପିଟିକୁ ଭଲ ପାଆନ୍ତି। ତେଣୁ ଶରୀରର ଏଭଳି ମୋଡିଫିକେଶନ୍ କରାଇଛନ୍ତି। ନିଜ ଶୋ'ରେ ସେ ନିଆଁ ଖାଇବା, ଖଣ୍ଡା ଗିଳିବା ଆଦି ପରଫର୍ମ କରନ୍ତି। ଶୋ'କୁ ତାଙ୍କର ଏଭଳି ଶରୀରକୁ ଦେଖିବା ଲାଗି ମଧ୍ୟ ବେଶି ଆସନ୍ତି।


**ଡ୍ରାଗନ ଲେଡି:** ଟେକ୍ସାସ୍‌ରେ ରହୁଥିବା ଟିଆମତ ଇଭା ମେଦୁସା ପେସାରେ ଥିଲେ ବ୍ୟାଙ୍କର। ତାଙ୍କର କାଳ୍ପନିକ ଚରିତ୍ର ଡ୍ରାଗନ ପ୍ରତି ଥିଲା ଅହେତୁକ ଆକର୍ଷଣ। ଡ୍ରାଗନ ଏକ କାଳ୍ପନିକ ପ୍ରାଣୀ ହୋଇଥିଲେ ହେଁ ସେ ଚାହିଁଥିଲେ ନିଜକୁ ଡ୍ରାଗନ ଭଳି କରିବା ପାଇଁ। ତେଣୁ ଚାକିରି ଛାଡି ସେ ନିଜର ଏହି ସ୍ୱପ୍ନକୁ ପୂରା କରିବାରେ ଲାଗିଲେ। କପାଳରେ ଶିଙ୍ଗ ଇମ୍ପ୍ଲାଣ୍ଟ କରାଇଲେ, କାନକୁ କାଟି ବାହାର କରିଦେଲେ ଓ ନାସାପଥକୁ କାଟି ଡ୍ରାଗନ ନାକ ପରି ଆକୃତି କରିଲେ। ଏହାବାଦ ସେ ଆଖିକୁ ସବୁଜ ରଙ୍ଗରେ ରଙ୍ଗାଇଲେ ଓ ଡ୍ରାଗନ୍ ଲୁକ୍ ପାଇବା ପାଇଁ ଜିଭକୁ ଦୁଇ ଫାଳ କଲେ। ସାରା ଶରୀରରେ ପୁଣି ସରୀସୃପର କାତି ଭଳି ଟାଟୁ କରାଇଲେ। ଟିଆମତଙ୍କର ଏଭଳି କାର୍ଯ୍ୟ ତାଙ୍କ ପୁଅକୁ ଭଲ ଲାଗି ନ ଥିଲା। ତେଣୁ ସେ ତାଙ୍କଠୁ ଦୂରେଇଗଲା। ତେବେ ବି ତାଙ୍କର ଦୁଃଖ ନାହିଁ। ସେ କୁହନ୍ତି, 'ମୋ ପୁଅ ମତେ ଇଣ୍ଟରନେଟ୍ ମାଧ୍ୟମରେ ଦେଖୁଥିବ। ସେ ଦିନେ ନା ଦିନେ ମତେ ବୁଝିବ।'


**କ୍ୟାଟ ମ୍ୟାନ:** ମିସିଗାନରେ ଜନ୍ମିତ ଡେନିସ୍ ଆଭନର୍ ବଡ଼ ହେବା ପରେ ନେଭିରେ ସୋନାର୍ ଟେକ୍ନିସିଆନ ଭାବେ କାମ କରୁଥିଲେ। ପରେ ଏହି ଚାକିରି ଛାଡି ସେ କାଲିଫର୍ନିଆରେ କମ୍ପ୍ୟୁଟର ପ୍ରୋଗ୍ରାମର ଓ ଟେକ୍ନିସିଆନ କାମ କଲେ। ତାଙ୍କର ବିଲେଇ ଓ ବାଘ ପ୍ରତି ଥିଲା ଆକର୍ଷଣ ଓ ଭଲ ପାଇବା। ତେଣୁ ସେ ବି ନିଜ ଶରୀରକୁ ସେହି ପ୍ରାଣୀ ଭଳି କରିବା ପାଇଁ ମନ ବଳାଇଲେ। ଶରୀର ସାରା ଓ ଚେହେରାରେ ବିଲେଇ ଶରୀର ଦେଖିବାକୁ ଯେମିତି ସେହିଭଳି ଟାଟୁ କରାଇଲେ ଓ ଉପର ଓଠରେ ପିୟର୍ସିଂ କଲେ। ତା'ସହ ଉପର ଓଠ ଓ ନାକ ମଝିରେ ନିଶ ଇମ୍ପ୍ଲାଣ୍ଟ କରାଇଲେ। ଯେମିତିକି ସେ ଅଧିକରୁ ଅଧିକ ବିଲେଇ ପରି ଦେଖାଯିବେ। ଉପର ଓଠକୁ ମଝିରୁ କାଟି ତାକୁ ଟେକି ଇଂଲିଶ 'ଏ' ଭଳି କଲେ। ଏଭଳି ବଡ଼ି ମୋଡିଫିକେସନ୍ ପରେ ସେ 'କ୍ୟାଟ୍ ମ୍ୟାନ୍' ଭାବେ ପରିଚିତ ହେଲେ। ଆଉ ଏହି ପରିଚୟରୁ ତାଙ୍କୁ ମିଳୁଛି ଅତ୍ୟନ୍ତ ଖୁସି।

# ଦୃଷ୍ଟିବାଧିତ ପିଲାଙ୍କ ଶିକ୍ଷା ପାଇଁ ସମର୍ପିତ






**ଶି**କ୍ଷାଦାନ ତାଙ୍କର ବୃତ୍ତି , ସାହିତ୍ୟ ତାଙ୍କର ପ୍ରବୃତ୍ତି। ଏମିତି ସାଧନାରେ ତାଙ୍କର ପ୍ରାୟ ବିତିସାରିଲାଣି ୪ଦଶନ୍ଧି। ବିଶେଷକରି ଦୃଷ୍ଟିହୀନ ପିଲାଙ୍କ ପାଇଁ ସେ ରଚନା କରିଛନ୍ତି ବହୁ ଉପାଦେୟ ପୁସ୍ତକ। ଶିକ୍ଷା ସମ୍ପର୍କିତ ପୁସ୍ତକକୁ ବିଦ୍ୟାଳୟ, ମହାବିଦ୍ୟାଳୟ ଓ କେତେକ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପଢୁଛନ୍ତି। ଯାହା ତାଙ୍କୁ ଦେଇଛି ଏକ ସ୍ୱତନ୍ତ୍ର ପରିଚୟ। ଏକାଧାରରେ ସେ ଜଣେ ପ୍ରାବନ୍ଧିକ, ଲେଖକ, ଇଂଲିଶ ଅନୁବାଦକ, ଗବେଷକ, ପ୍ରଶାସକ, ଶିକ୍ଷାବିତ୍, ପରିବେଶ ଓ କଳାସଂସ୍କୃତି ଅନୁରାଗୀ । ତାଙ୍କର ବହୁମୁଖୀ ପ୍ରତିଭାକୁ ବିଭିନ୍ନ ଅନୁଷ୍ଠାନରୁ ମିଳିଛି ଅନେକ ସ୍ୱୀକୃତି ଓ ସମ୍ମାନ। ସେ ହେଲେ **ଡ. ଧୀରେନ୍ଦ୍ର କୁମାର ଷଡ଼ଙ୍ଗୀ**। ଜନ୍ମ ୧୯୫୪ ମସିହାରେ। ପିତା ବାମନ ଷଡ଼ଙ୍ଗୀ, ମାତା ଜାହ୍ନବୀ ଷଡ଼ଙ୍ଗୀ। ଘର କଟକ ଜିଲା ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ନିମାଇସାପୁରରେ। ସେ କୁହନ୍ତି, 'ମୋ ଗାଁ ପ୍ରାକୃତିକ ସବୁଜିମାଭରା ପାଞ୍ଚଭାୟା ପାହାଡ଼ର ପାଦଦେଶରେ ଅବସ୍ଥିତ। ଆମେ ଏଇ ଗାଁରେ ରହୁଥିବାବେଳେ, ବାପା ଟାଟା କମ୍ପାନୀରେ ଚାକିରି କରୁଥିଲେ। ମୋର ପ୍ରାଥମିକ ଶିକ୍ଷା ଗାଁ ସ୍କୁଲରେ ହେଲା । ପରେ ଉଚ୍ଚମାଧ୍ୟମିକ ଶିକ୍ଷା ଟେକ୍ନିକାଲ ହାୟର ସେକେଣ୍ଡାରୀ ସ୍କୁଲ ଚୌଦ୍ୱାରରେ ସରିଲା। ଏହାପରେ ଆଇଏସ୍‌ସି ବେସିକ ସାଇନ୍ସ କଲେଜ ଭୁବନେଶ୍ୱରରେ, ଜୁଲୋଜି ଅନର୍ସ ନେଇ ସାମନ୍ତ ଚନ୍ଦ୍ରଶେଖର କଲେଜ ପୁରୀରେ ପଢିଲି ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ବାଣୀବିହାରରୁ ଏମ୍‌ଏସ୍‌ସି ଏବଂ ପିଏଚ୍‌ଡି ଶିକ୍ଷା ଲାଭ କଲି। ୧୯୭୭ରୁ ଏମ୍‌ପିସି କଲେଜ ବାରିପଦାରେ ଜୁଲୋଜି ଅଧ୍ୟାପକଭାବେ ଆରମ୍ଭ ହୋଇଥିଲା ମୋର ଅଧ୍ୟାପନା ଜୀବନ। ପରେ ଫୁଲବାଣୀ ସରକାରୀ ମହାବିଦ୍ୟାଳୟ, ଢେଙ୍କାନାଳ ସ୍ୱୟଂଶାସିତ କଲେଜ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଏବଂ କଟକ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟରୁ ଭୁବନେଶ୍ୱରକୁ ବଦଳି ହୋଇଥିଲି। ଶେଷରେ କଟକସ୍ଥିତ ଜାତୀୟ କବି ବୀରକିଶୋର କଲେଜର ଅଧ୍ୟକ୍ଷଭାବେ କାର୍ଯ୍ୟକରି ଅବସର ନେଇଛି। ଦୀର୍ଘ ୩୫ବର୍ଷର ଶିକ୍ଷକତା ଭିତରେ ପ୍ରତିବର୍ଷ କିଛି କିଛି ନୂଆ ଛାତ୍ରୀଛାତ୍ରଙ୍କ ସହିତ ଦେଖାହୋଇଥାଏ। ମୋର ମନେହୁଏ ଉପଯୁକ୍ତ ଶିକ୍ଷା ପାଇଲେ ସେମାନଙ୍କ ବ୍ୟକ୍ତିତ୍ୱ ବିକାଶ ହେବ। ସେଥିପାଇଁ ଶ୍ରେଣୀରେ ପିଲାମାନଙ୍କୁ ଗୋଟିଏ ସଫଳତାର ସୂତ୍ର ଦେଇଥାଏ। ସପ୍ତାହରେ ୭ଦିନ ତୁମେ ବ୍ୟାୟମ କର, ଫୁଟବଲ ଖେଳ, ଗୀତ ଗାଅ, ତବଲା ବଜାଅ ବା ପାଠପଢ଼। ତେବେ ସଫଳତାର ସୂତ୍ର ହେଉଛି ଛାତ୍ରଜୀବନରେ ରୁଚିଥିବା ଶିକ୍ଷାପାଇଁ ଦିନକୁ ପ୍ରାୟ୧୨ଘଣ୍ଟା ପରିଶ୍ରମ କର। ଦେଖିବ ସଫଳତା ତୁମର ପାଦ ଛୁଇଁବ। ମୋ ପାଖରେ ୬ଜଣ ଛାତ୍ର ଏମ୍‌ଫିଲ, ୨ଜଣ ଛାତ୍ର ପିଏଚ୍‌ଡି ହାସଲ କରିଛନ୍ତି।

ଶିକ୍ଷକତା ସହିତ ପୁସ୍ତକ ପଢ଼ିବା ଓ ଲେଖିବାରେ ମୋର ରୁଚି ଥିବାରୁ ବିଜ୍ଞାନ ଓ ପରିବେଶ ସମ୍ପର୍କିତ ପୁସ୍ତକ ପଢ଼େ, ଯାହା ମତେ ପରବର୍ତ୍ତୀ ସମୟରେ ଲେଖାଲେଖି ପାଇଁ ପ୍ରେରିତ କରିଛି। ଯେତେବେଳେ ରେଭେନ୍‌ଶା କଲେଜରେ ଅଧ୍ୟାପନା କରୁଥିଲି ସେହି ସମୟରେ ଜୀବ ଓ ପରିବେଶ ବିଜ୍ଞାନ ବିଷୟରେ କେତେକ ପାଣ୍ଡୁଲିପି ଲେଖିଥିଲି। ତାହାକୁ ପ୍ରକାଶ କରିବା ପାଇଁ ଏକ ପ୍ରକାଶନ ସଂସ୍ଥା କରିଥିଲି। ଏଥିରୁ ପ୍ରକାଶିତ ହୋଇଥିବା ପୁସ୍ତକଗୁଡ଼ିକ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକଙ୍କ ଦ୍ୱାରା ବହୁ ଆଦୃତ ହୋଇଥିଲା। ଯାହା ବ୍ୟବସାୟିକ ସଫଳତା ବି ଦେଇଥିଲା। ହଁ, କଲେଜ ଚାକିରି ସମୟରେ ଲେଖିଥିବା ପ୍ରାୟ ୨୦ଟି ଗବେଷଣାଲବ୍ଧ ପ୍ରବନ୍ଧ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ପତ୍ରିକାରେ ପ୍ରକାଶିତ ହୋଇଥିବାରୁ ଏହି ଦିଗରେ ଲେଖାଲେଖି କରିବାରେ ଅଧିକ ଆଗ୍ରହ ସୃଷ୍ଟି ହୋଇଥିଲା। ସମାଜରେ ଘଟୁଥିବା ବିଭିନ୍ନ ପରିବେଶ ବିଜ୍ଞାନ ସମ୍ପର୍କିତ ବିଭିନ୍ନ ବିଷୟକୁ ନେଇ ଏକାଧିକ ପୁସ୍ତକ ରଚନା କରିଥିଲି। ଦୃଷ୍ଟିହୀନ ଛାତ୍ରଙ୍କ ପାଇଁ ଗୋଟିଏ ହାତଲେଖା ବ୍ରେଲ ପତ୍ରିକାର ସମ୍ପାଦନା କରିଥିଲି , ଯାହା ମଧ୍ୟରେ 'ବ୍ରେଲ ବର୍ଣ୍ଣବୋଧ', 'ଓଡ଼ିଆରେ ଦୃଷ୍ଟିହୀନ ଶିକ୍ଷାର ଇତିହାସ', 'ଦୃଷ୍ଟିହୀନ ଶିଶୁଙ୍କ ଲାଳନ ପାଳନ ଓ ବୌଦ୍ଧିକବିକାଶ' ଆଦି ପୁସ୍ତକ ଇଂଲିଶ ଓ ହିନ୍ଦୀ ଭାଷାରେ ଅନୁବାଦ କରିପାରିଛି। ନବମ ଓ ଦଶମ ଶ୍ରେଣୀ ପାଇଁ 'ଜୀବ ବିଜ୍ଞାନ ଓ ପରିବେଶ', 'ଜନସଂଖ୍ୟା' ଆଦି ବିଷୟରେ ଲେଖିଥିବା ଅଧ୍ୟୟନ ପୁସ୍ତକଗୁଡ଼ିକ ମାଧ୍ୟମିକ ଶିକ୍ଷା ପରିଷଦ ଓଡ଼ିଶାଙ୍କ ଦ୍ୱାରା ପ୍ରକାଶିତ। +୨ ଶ୍ରେଣୀ ପାଇଁ ଟେକ୍ସଟ ବୁକ୍, ଜିଓଲୋଜି( ଥିଓରି ଓ ପ୍ରାଟିକାଲ) ପୁସ୍ତକ ରହିଛି। ସେହିପରି ପରିବେଶ ସମ୍ବନ୍ଧୀୟ ଶିକ୍ଷାକୁ ଓଡ଼ିଆ ଓ ଇଂଲିଶ ଭାଷାରେ ଲେଖିଛି। ମ୍ୟାନେଜ୍‌ମେଣ୍ଟ ଫର ବିଏ, ବିଏସ୍‌ସି, ବିକମ୍, ଇଞ୍ଜିନିୟରିଂ ପଢୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ଶିକ୍ଷାପୋଯୋଗୀ ପୁସ୍ତକ ଲେଖିଛି। ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରକାଶିତ 'ବିଜ୍ଞାନ ଦିଗନ୍ତ'ରେ ମୋର ଜନପ୍ରିୟ ବିଜ୍ଞାନଲେଖା ପ୍ରକାଶିତ ହୋଇଛି। ସରକାରୀ ଚାକିରିରୁ ଅବସର ପରେ କଟକସ୍ଥିତ ଜାତୀୟକବି ବୀରକିଶୋର ସରକାରୀ ମହାବିଦ୍ୟାଳୟର କେତେଜଣ ପୁରାତନ ଛାତ୍ରୀଛାତ୍ରଙ୍କୁ ନେଇ 'ସ୍ୱପ୍ନା ଫାଉଣ୍ଡେଶନ' ନାମକ ଏକ ସାମାଜିକ ଅନୁଷ୍ଠାନ ଗଠନ କରିଛି। ଏହି ଅନୁଷ୍ଠାନ ଆନୁକୂଲ୍ୟରେ ଚୌଦ୍ୱାର ନିକଟରେ ଏକ ବୃଦ୍ଧାଶ୍ରମ ପରିଚାଳିତ ହେଉଛି।'

ଏହାଛଡ଼ା ଡ.ଧୀରେନ୍ଦ୍ର କୁମାର ବିଭିନ୍ନ ସମୟରେ ଏସ୍‌ସିବି ମେଡ଼ିକାଲକୁ ଦୂରଦୂରାନ୍ତରୁ ଆସୁଥିବା ରୋଗୀଙ୍କୁ ସାଧ୍ୟମତେ ରକ୍ତଦାନ, ମାଗଣା ଖାଦ୍ୟ ପରିବେଷଣ ପାଇଁ ସହଯୋଗ କରିଥାନ୍ତି। କଟକ ଓ ଭୁବନେଶ୍ୱରରେ ଥିବା କେତେକ କଲେଜରେ ପାଠ ପଢୁଥିବା ଦୃଷ୍ଟିହୀନ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ବିକାଶ ନିମନ୍ତେ ସାହାଯ୍ୟ ସହଯୋଗ କରିଥାନ୍ତି। ଦୃଷ୍ଟିହୀନ ଛାତ୍ରୀଛାତ୍ରଙ୍କ ନିଯୁକ୍ତି ପାଇଁ ଯେଉଁ ଲିଖିତ ପରୀକ୍ଷା ହୁଏ କିଛି ଛାତ୍ର ସେମାନଙ୍କ ପାଇଁ ଲେଖିଥାନ୍ତି। ଯାହାଙ୍କୁ ସେ ସାଧ୍ୟମତେ ସାହାଯ୍ୟ କରିଥାନ୍ତି। ସେହିପରି ଦୃଷ୍ଟିହୀନ ପିଲାଙ୍କ ପାଇଁ ବ୍ରେଲ ଶିକ୍ଷାର କାର୍ଯ୍ୟକ୍ରମ, ସେମାନଙ୍କ କମ୍ପ୍ୟୁଟର ଶିକ୍ଷା, ବ୍ରେଲ ପାଠାଗାର ଆଦି ଦିଗରେ କାର୍ଯ୍ୟ କରିଥାନ୍ତି। ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ସାରା ଓଡ଼ିଶାରେ ପ୍ରସିଦ୍ଧି ଲାଭ କରିଥିବା 'ଅପରେଶନ ଦୃଷ୍ଟି ଅନୁଷ୍ଠାନ' ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପୁରସ୍କୃତ ହୋଇଛି। ଯାଦବପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ଦୃଷ୍ଟିହୀନ ଶିକ୍ଷାର ପ୍ରସାର ପାଇଁ ତାଙ୍କୁ ସମ୍ମାନିତ କରାଯାଇଛି। ବିଜ୍ଞାନ ପ୍ରଚାର ସମିତି କଟକଙ୍କ ଦ୍ୱାରା ସେ ସମ୍ମାନିତ ହେବା ସହ ଓଡ଼ିଶା ବ୍ଲାଇଣ୍ଡ ଫାଉଣ୍ଡେଶନ-ଲୁଇବ୍ରେଲ ପୁରସ୍କାର ଆଦି ଏକାଧିକ ସଂସ୍ଥାରୁ ମଧ୍ୟ ପୁରସ୍କୃତ ହୋଇଛନ୍ତି। ସେ କୁହନ୍ତି, 'ହାତଗୋଡ଼ ଚାଲୁଥିବା ପର୍ଯ୍ୟନ୍ତ ମହାପ୍ରଭୁ ଜଗନ୍ନାଥଙ୍କ ନିର୍ଦ୍ଦେଶରେ ସମାଜ ଏବଂ ଜନମଙ୍ଗଳ କାର୍ଯ୍ୟ କରୁଥିବି। କାରଣ ଏଇଥିରେ ହିଁ ମୁଁ ମାନସିକ ଶାନ୍ତି ପାଉଛି।

-ବନବିହାରୀ ବେହେରା





# ୱାର୍କ ଫ୍ରମ୍ ହୋମ୍

– ତପସ୍ୱିନୀ ଦାଶ ଷଡ଼ଙ୍ଗୀ

ଆଜି ରାତି ଖାଇବାରେ ଗରମ ଗରମ ବରା ସାଙ୍ଗକୁ ଘୁଗୁନି ଟିକେ କରନ୍ତନି ନୟନା। ଟିକେ ଅଲଗା ଖାଇବାକୁ ଇଚ୍ଛା ହେଉଛି ମ! ସବୁଦିନ ସେଇ ରୁଟି ଖାଇଖାଇ ବୋର୍ ଲାଗିଲାଣି– କହିଲେ ଅରୁଣ।

– ୱାଓ... ବରା ଘୁଗୁନି। ପ୍ଲିଜ୍ ମାମା ବନେଇବ ନିଶ୍ଚୟ। ସେପଟୁ ପାଳି ଧରି କହିଲା ସିକନ।

– ଦେଖିଲ ତ ଛୁଆଟା ବି କହିଲାଣି– ଅରୁଣ କହିଲେ। ସ୍ୱାମୀ ଅରୁଣଙ୍କ କଥାକୁ ପାରୁପର୍ଯ୍ୟନ୍ତ ପୂରା କରେ ସହଧର୍ମିଣୀ ନୟନା। ନିଜେ ବି କର୍ମଜୀବୀ। ତଥାପି ଛିଗୁଲେଇ କହିଲା– ହଁ, ଯେବେଠାରୁ ତୁମର ଏ କରୋନା ଆସିଛି ଓ ସାଙ୍ଗରେ ୱାର୍କ ଫ୍ରମ୍ ହୋମ୍ ନେଇ ଆସିଛି, ସେବେଠାରୁ ତୁମ ପାଟି ବେଶି ଚିକ୍କଣ ଖାଇବା ଖୋଜୁଛି। ମୋ ଇଚ୍ଛା ହେଲା ମୁଁ କହିଲି ଏବେ ତୁମ ଉପରେ ସବୁ। କଲେ କରିବ ନ ହେଲେ ନାହିଁ। ଅରୁଣ ଏତିକି କହି ନିଜ ଲାପଟପ୍ ପାଖକୁ ଚାଲିଗଲେ। ମାନେ ନିଜ ଅଫିସ ରୁମକୁ (ବେଡ୍ ରୁମ ଯାହା ଦୁଇ ବର୍ଷ ହେଲା ବେଡ୍ ରୁମ୍ କମ୍ ଅଫିସ ରୁମ୍ ବେଶୀ)। ନୟନା ବ୍ୟାଙ୍କ ଯିବା ଆଗରୁ ବିରି ଓ ମଟର ବତୁରେଇ ଦେଇ ଗଲା। କାମରୁ ଫେରିଲେ ଏହାର ଆୟୋଜନ ହେବ। ସନ୍ଧ୍ୟା ସମୟରେ ଘରକୁ ଫେରି ସବୁ ଥର ପରି ଯାଇ ଠାର ଦେଇ ଅନୁମତି ମାଗିଲା ଅରୁଣଙ୍କୁ କି ଗ୍ରାଇଣ୍ଡର ଚଲେଇବ କି ନାହିଁ। କାଳେ ଅରୁଣ କୌଣସି ମିଟିଂରେ ଥିବେ। ହଜାରେ ବର୍ଗଫୁଟର ଘର ଭିତରେ ମିଟିଂ ଚାଲିଥିବା ସମୟରେ ଯଦି ପୁଅ ସିକନ କାର୍ଟୁନ ଦେଖିବା ସମୟରେ ଟିଭିର ଭଲ୍ୟୁମ ଟିକେ ଶୁଭେ କିମ୍ବା ଯଦି ନୟନାର ଫୋନ ଆସିଲେ ନୟନା ଟିକେ ଅନ୍ୟମନସ୍କ ହେଇ ବଡ଼ପାଟିରେ ଗପିଦିଏ ତା'ହେଲେ ଅରୁଣ ବହୁତ ଜୋରରେ ରାଗି ଯାଆନ୍ତି। ନୟନା ସେଥିପାଇଁ ସନ୍ଧ୍ୟା ସମୟରେ କିଛି ବଟାବଟି କରେନି। ହେଲେ ଆଜି ବାଧ, ବରା ପାଇଁ ବିରି ବାଟିବାକୁ। ଯେତେ ଥର ଯାଇକି ସେ ଶୋଇବା ଘର ଦୁଆର ଖୋଲି ଦେଖୁଛି ଅରୁଣଙ୍କର କଥା ହିଁ ସରୁନି ମିଟିଂରୁ। ନୟନା ଆଡ଼କୁ ବୁଲି ବି ଦେଖୁ ନାହାନ୍ତି। ନୟନା ତ ସବୁବେଳେ ଚିଡ଼େଇକି ଗୋଟେ ନାଁ ରେ ଡାକେ 'ୱାର୍କହୋଲିକ ପର୍ସନ'। ସନ୍ଧ୍ୟା ଛ'ଟାରୁ ଯେ, ରାତି ନଅଟା ବାଜିଲା ସିନା ମିଟିଂ ସରୁନି। ବିରକ୍ତ ଲାଗୁଥାଏ ନୟନାକୁ। ସେ ବି ଥକିଯାଉଛି ଘର ଓ ଅଫିସ କଥା ଦେଖୁଦେଖୁ। ଅରୁଣଙ୍କର ଫର୍ମାଇସ ଯଦି ସେ ପୂରଣ ନ କରିବ, ତା'ହେଲେ ଅରୁଣ ମନ ଦୁଃଖ କରିବେ। ଅରୁଣ ବି କ'ଣ କରିବେ ଅଫିସ ମିଟିଂ ବି ଜୋକ ପରି ଲାଗିଛି ଆଜି। ସିକନ ଶୋଇ ପଡୁଛି। ସାଙ୍ଗେ ସାଙ୍ଗେ ସେ ବିରି ଫ୍ରିଜରେ ରଖିଲା। ରୁଟି ଓ ଘୁଗୁନି ବନେଇ ସିକନକୁ ଦେଇଦେଲା

କ'ଣ ମାମା... ବରା କୁଆଡ଼େ ଗଲା ।

–ମୋ ଧନ ପରା, ପାପାଙ୍କର ମିଟିଂ ସରିନି ।

ସାଉଣ୍ଡ ହେଲେ ପାପାଙ୍କ ଡିଷ୍ଟର୍ବ ହେବ ।

ସିକନ ଖାଇ ଶୋଇଗଲା। ଅରୁଣ ରାତି ସାଢ଼େ ନଅଟାରେ ବାହାରକୁ ଆସି ପଚାରିଲେ ନୟନା... କ'ଣ ପଚାରୁଥିଲ ବୋଧେ? ହେଉ ମୋତେ ଖାଇବା ଦେଲ, ପୁଣି ଦଶଟାରେ ମିଟିଂ ଅଛି। କେତେ ରାତି ହେବ କେଜାଣି ଆଜି ଶୋଇଲା ବେଳକୁ? ୱାର୍କ ଫ୍ରମ୍ ହୋମ୍‌ରେ କମ୍ପାନୀ ପୂରା ଚିପୁଡ଼ିଦେଉଛି ଆମମାନଙ୍କୁ।

ନୟନା ରୁଟି ଘୁଗୁନି ବାଢ଼ିବା ଦେଖି– ତୁମକୁ କହିଥିଲି ପରା...

– ତୁମର ମିଟିଂ ସରୁ ନ ଥିଲା। ମୁଁ କ'ଣ କରିବି? ବେଳେବେଳେ ଲାଗୁଛି ଏଇଟା ଘର ନୁହେଁ ତ ତୁମର ଅଫିସ। ତୁମ ମିଟିଂ ଚାଲିଲେ ଆମେ ମାଆ ପୁଅ ମ୍ୟୁଟ ହେଇଯାଉଛୁ। ସିକନ ଶୋଇ ପଡୁଥିଲା। ତେଣୁ କଲବଲ ହେଇକି ଅଟା ଚକଟି ରୁଟି କରିଦେଲି। ବିରି ରଖିଦେଇଛି କାଲି ବ୍ୟାଙ୍କ ଯିବା ଆଗରୁ ବାଟି ଦେଇ ଯିବି– ନୟନା କହିଲା।

ଅରୁଣ ବୁଝିପାରୁଥିଲେ ନୟନାଙ୍କ କଥା। ନୟନା ଓ ଅରୁଣ ଖାଉଥିବା ସମୟରେ ଅରୁଣଙ୍କ ବାପା ଫୋନ କଲେ। ଫୋନକୁ ସ୍ପିକର୍ ଦେଇ ରଖିଲେ ଅରୁଣ

– ଆରେ ଅରୁ! ଆର ମାସରେ ଘରେ ସତ୍ୟ ନାରାୟଣ ପୂଜାର ଆୟୋଜନ କରୁଛୁ । ତୁ ବୋହୂ ଓ ନାତିକୁ ନେଇ ଆସେ।

– ବାପା... ଠିକ୍ ଅଛି ଆମେ ଆସିବୁ। ସେପଟୁ ଅରୁଣଙ୍କ ବୋଉ ଫୋନଟାକୁ ଭିଡ଼ି ନେଇ ନୟନାକୁ କହିଲେ– ଏ ଶୁଣୁ, ଅରୁକୁ କହିଦେବୁ ଯେଉଁ ଦୁଇଦିନ ଆସିବ ସେ ଲ୍ୟାପ୍‌ଟପଟାକୁ ପୁଣେରେ ରଖିଦେଇ ଆସିବ। ଗଲାଥର ଆସିଥିଲା ଯେ, ନା ପଦେ କଥା ଭଲରେ ହେଲା ନା ପାଖରେ ବସିଲା । ଯେତେବେଳେ ଦେଖ କାମ କାମ । ଏଥର କହିଦେବୁ ଛୁଟି ନେଇକି ଆସିବ। ମୁରୁକି ହସୁଥିଲା ନୟନା। ସେ ବୁଝୁଥିଲା ଶାଶୁଙ୍କର ମାଆ ମନକୁ ଓ ସ୍ୱାମୀଙ୍କର ଅଫିସ ପ୍ରତି ଦାୟିତ୍ୱବୋଧକୁ। ଠିକ୍ ଅଛି ମାଆ ଆମେ ଆସିବୁ।

– ତୁମକୁ ଭାରି ହସ ଲାଗୁଛି ତ। ବୁଢାକୁ ଗୁଡ଼ ସାକ୍ଷୀ ଭଳିଆ ବୋଉ କହିବାକୁ, ଆଉ ତୁମର ଏ ମୁରୁକୁନ୍ଦିଆ ହସ। ଆରେ ଯାଅ ଦଶଟା ବେଳକୁ ମିଟିଂ ଅଛି ପରା। ନୟନା ଠୋ ଠୋ ହସି ଅରୁଣଙ୍କୁ କହୁଥିଲା।

–ବାଙ୍ଗାଲୋର, ମୋ:୮୪୩୧୩୦୯୩୦୪



# ଫାଇଲ୍

– ସୁବ୍ରତ କୁମାର ସେନାପତି


ନାଲି, ନେଳି, ପାଉଁଶିଆ
ଏମିତି କେତେକେତେ ରଙ୍ଗର ଫାଇଲ୍‌ମାନଙ୍କ ଗପ
ଆରମ୍ଭ ହୁଏ ଅନ୍ଧାର ରାତିରେ
ଧାରେ ଆଲୁଅ ନେଇ ସୂର୍ଯ୍ୟ ଆସେ
ବିଳମ୍ବିତ ଏକାନ୍ତ ମୁହୂର୍ତ୍ତରେ
ପରସ୍ପରର ମୁହଁ ଦେଖିପାରନ୍ତି ସେମାନେ ଏବେ
କାହା ମୁହଁରେ ବିଜୟର ଉଲ୍ଲାସ ତ
ଆଉ କାହାଠି ପରାଜୟର ଗ୍ଲାନି
କିଏ ଦର୍ପିତ ତ ଆଉ କିଏ ଲଜ୍ଜାନତ
ପୁଣି କିଏ ବାରବାର ଉପହସିତ।

ରାତିର ଶେଷ ପ୍ରହରଯାଏଁ
କଥା ଚାଲେ ସେମାନଙ୍କ ଭିତରେ
ହାଇ ପରେ ହାଇ ମାରି ଚାଲିଥାଏ
ଥକି ପଡ଼ି ବୃଦ୍ଧ ଫାଇଲ୍‌ଟିଏ
ଅନେକ ଦିନ ଧରି ଏଠିସେଠି ବୁଲି
ପୁଣି ପୁରୁଣା ଆଲମାରିର ଥାକକୁ
ଫେରିଆସିବାର ଦୁଃଖରେ।

ଆଉ କିଛି କୁରୁଳୁଥା'ନ୍ତି
ମୁକ୍ତିର ଊର୍ଦ୍ଧ୍ୱ ଉଡ଼ାଣର ମୋହରେ
ସବା ତଳେ ରହିଯାଇଥିବା ଫାଇଲ୍‌ଟି
ଏବେ ବି ଛଟପଟ ହେଉଥାଏ
ଚତୁର ଆଶ୍ୱାସନାର ଜାଲରେ
ଯେ କେବେଠୁଁ ହରାଇ ସାରିଥାଏ ତାର ସତୀତ୍ୱ
କେତେକେତେ ଲୋଲୁପଙ୍କ ଆଙ୍ଗୁଠି ଛୁଆଁରେ।

ସରିନଥାଏ ଏ ଫାଇଲମାନଙ୍କ ଗପ
ମେଞ୍ଚେ ଅନ୍ଧାର ଘେନି ଆସେ ଆଉ ଏକ ସକାଳ
ପୁଣି ବୁହାହୋଇ ଆସୁଥା'ନ୍ତି
ନୂଆ ନୂଆ ରଙ୍ଗବେରଙ୍ଗର ଫାଇଲସବୁ
ଯେଉଁମାନଙ୍କ ଛାତିରେ ବନ୍ଧାଥାଏ ନାଲିରଙ୍ଗର ଫିତାଟିଏ
ଧୂଆଁ, ନିଆଁ, ଅଙ୍ଗାର, ପାଉଁଶ ସବୁକିଛି
ଥାଏ ସେମାନଙ୍କ ଛାତି ତଳେ
ହେଲେ ବିନା ଘିଅରେ କି ଜଳେ
ସେ ନାଲି ରଙ୍ଗର ଫିତା ?
ତଥାପି ଫିତା ତଳୁ
ଭାସିଆସୁଥାଏ ଗୋଟେ ପୋଡ଼ାଜଳା ଗନ୍ଧ
ଯେଉଁ ଗନ୍ଧରେ ମିଳାଇଯାଏ
କେତେକେତେ ବିଶ୍ୱାସ, ପ୍ରତିଶ୍ରୁତିର ମହକ
ବଣ୍ଟା ଚାଲିଥାଏ ପ୍ରିୟା– ପ୍ରୀତିର ମୋଦକ।

–ରେମୁଣା ସତସଙ୍ଗ ପଲ୍ଲୀ, ବାଲେଶ୍ୱର
ମୋ: ୭୯୭୮୧୬୮୧୯୩



# ଶୁଭ ଦିନକୁ ଅପେକ୍ଷା


କରୀନା

କରୀନା କପୁର ଖାଁ ସେହି ଶୁଭ ଦିନଟିକୁ ବେଶ୍ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି। କଥା କ'ଣ କି, ଖୁବ୍ ଶୀଘ୍ର ସେ ଅଭିନୟ କରିଥିବା ଏକ ଦ୍ୱୀଭାଷୀ ଫିଲ୍ମ ରିଲିଜ ହେବାକୁ ଯାଉଛି। ଚିତ୍ରଟି ଉଭୟ ହିନ୍ଦୀ ଏବଂ ଇଂରାଜୀ ଭାଷାରେ ପ୍ରସ୍ତୁତ ହୋଇଛି। ଆଉ ଏହାର ଟାଇଟଲ ରହିଛି 'ଦ ବକିଂଙ୍ଗହାମ ମର୍ଡରର୍ସ'। ଏହାର ମୂଳ ଭାଷା ହେଉଛି ଇଂରାଜୀ ଏବଂ ପରେ ଏହାକୁ ହିନ୍ଦୀରେ ଡବିଂ କରାଯାଇଛି। ଏଭଳି ଏକ ସସପେନ୍ସ ଥ୍ରୀଲରକୁ ନେଇ ବେଶ୍ ଖୁସି ଅଛନ୍ତି କରୀନା। ଏ ବିଷୟରେ ସେ କହନ୍ତି, 'ଫିଲ୍ମଟିର କାହାଣୀ ଏବଂ ପ୍ରେଜେଣ୍ଟେସନ ସୁନ୍ଦର ହୋଇଛି। ଫିଲ୍ମଟି ଏକାଥରେ ହଲିଉଡ୍ ଏବଂ ବଲିଉଡ୍‌ରେ ରିଲିଜ ହେବ। ହେଲେ ସେଥିପାଇଁ ଶୁଭ ଦିନ ଖୋଜା ଚାଲିଛି। ଆଉ ମୁଁ ବେଶ୍ ଉତ୍ସୁକତାର ସହ ସେହି ଦିନକୁ ଅପେକ୍ଷା କରିଛି।' ଖାସ୍ କଥା ହେଲା ଏହାର ପ୍ରଯୋଜନା କରିଛନ୍ତି ଶୋଭା କପୁର, ଏକତା କପୁର ଏବଂ କରୀନା କପୁର ଖାଁ। ନିର୍ଦ୍ଦେଶନା ଦେଇଛନ୍ତି ହାନ୍‌ସଲ୍ ମେହେଟ୍ଟା। ଏଥିରେ କରୀନାଙ୍କ ବ୍ୟତିତ କିଥ ଆଲେନ୍ ଏବଂ ରଣବୀର ବ୍ରାର୍ ଅଭିନୟ କରିଛନ୍ତି। ଫିଲ୍ମଟିର ଅବଧି ରହିଛି ମାତ୍ର ୧୧୦ ମିନିଟ୍। ତେବେ ଫିଲ୍ମରେ କି ମସଲା ରହିଛି ତାହା ରିଲିଜ ପରେ ହିଁ ଜଣାପଡିବ।

# ପାରି କରିବେ ଭୋଲା ଶଙ୍କର ୩

ସୋମନାଥ ଫିଲ୍ମସ ବ୍ୟାନରରେ ସୁନୀଲ ପଟ୍ଟନାୟକ ପ୍ରଯୋଜିତ ଓଡ଼ିଆ ସିନେମା 'ପାରି କରିବେ ଭେଳା ଶଙ୍କର ୩' ଆଜି ଅନ୍ୟତମ ଲୋକପ୍ରିୟ ଚ୍ୟାନେଲ ଜୀ ସାର୍ଥକରେ ପ୍ରସାରିତ ହେବ। ପ୍ରସାରଣ ସମୟ ରହିଛି ସନ୍ଧ୍ୟା ୬:୩୦। କାହାଣୀ ଅନୁସାରେ ଶ୍ରାବଣ ପୂର୍ଣ୍ଣିମାର ପବିତ୍ର ଦିନରେ ଶଙ୍କର ନାମରେ ଜଣେ ଶିଶୁ ଗାଁର ଶିବ ମନ୍ଦିର ବାହାରେ ଚେତାଶୂନ୍ୟ ଅବସ୍ଥାରେ ମିଳେ । ଗାଁ ଲୋକଙ୍କ ଭଲପାଇବାପାଇ ବଡ଼ ହୋଇ ସେ ମନ୍ଦିରର ସୁରକ୍ଷା କର୍ତ୍ତା ଭାବରେ ପରିଣତ ହୁଏ। ନାଁ ତା'ର ଶଙ୍କର ରଖାଯାଏ। ଗାଁ ମନ୍ଦିରରେ ରହିଥାଏ ଏକ ଦିବ୍ୟମଣୀ ଯାହାକୁ ହାତେଇବାକୁ ପରାଶର ନାମକ ଜଣେ ତନ୍ତ୍ର ମନ୍ତ୍ର ସାଧକ ନିଜର ଅହରହ ଚେଷ୍ଟା ଜାରି ରଖିଥାଏ କିନ୍ତୁ ସବୁ ଯୋଜନା ଶଙ୍କର ଥାଉ ଥାଉ ବିଫଳ ହୁଏ। ଶେଷରେ ଅଖଣ୍ଡ କୁଚକ୍ରାନ୍ତ କରି କଳା ଯାଦୁର ପ୍ରୟୋଗ କରି ଶଙ୍କର ଏକ ତନ୍ତ୍ର ମନ୍ତ୍ର ସାଧକ ବୋଲି ଗାଁ ଲୋକଙ୍କୁ ଜଣାଏ ଓ ଗାଁରୁ ବିଦା କରିଦିଏ। କିଛି ବର୍ଷ ପରେ ପୁଣି ଅଖଣ୍ଡ ମଣି ଚୋରି କରିବାର ଯୋଜନା ସମୟରେ ଫେରିଆସେ ଶଙ୍କର। ତେବେ ଶଙ୍କର କ'ଣ ତାକୁ ରୋକି ପାରିବ? ଏହାକୁ ଆଧାର କରି କାହାଣୀ ଆଗେଇଛି। ଫିଲ୍ମରେ ମୁଖ୍ୟ ଭୂମିକାରେ ରାଜ ରାଜେଶ ଅଭିନୟ କରିଥିବା ବେଳେ ତାଙ୍କ ସହିତ ମୁମୀତା, ବାଦଲ ମହାନ୍ତି, ରବି ମିଶ୍ର ଓ ଉଦିତ ଗୁରୁଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଫିଲ୍ମର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ମୃତ୍ୟୁଞ୍ଜୟ ସାହୁ। ଡା. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡିକୁ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ବୈଦ୍ୟନାଥ ଦାଶ।


ରାଜ ରାଜେଶ-ମୁମୀତା

# ଯଦି ଦୀପିକା ରାଜି ହୋଇଥାଆନ୍ତେ...

ଦୀପିକା ପାଦୁକୋନ୍ ଏବେ ଗୋଟିଏ କଥାକୁ ମନେ ପକାଉଛନ୍ତି। କଥା କ'ଣ କି ବଲିଉଡ୍‌ର ଅନ୍ୟତମ ବିଶିଷ୍ଟ ନିର୍ଦ୍ଦେଶକ ସଞ୍ଜୟ ଲୀଲା ଭଁସାଲି ସେତେବେଳେ 'ସାଁୱରିୟା'ର କାଷ୍ଟିଂରେ ବ୍ୟସ୍ତ ଥାଆନ୍ତି। ଏଥିରେ ରଣବୀର କପୁରଙ୍କ ଅପୋଜିଟ୍‌ରେ କିଏ ନାୟିକା ସାଜିବ ଚିନ୍ତା କଲା ବେଳକୁ ତାଙ୍କ ମନକୁ ଆସିଲା, ଦୀପିକା ପାଦୁକୋନ୍ ହିଁ ଏହି ଭୂମିକା ପାଇଁ ଫିଟ୍। ତେଣୁ ବିଳମ୍ବ ନ କରି ତାଙ୍କ ସହ ଯୋଗାଯୋଗ କରାଯାଇଥିଲା। ହେଲେ କେତେକ କାରଣରୁ ଦୀପିକା ଏହି ଅଫରଟିକୁ ହାତଛଡା କରିଥିଲେ। ଶେଷରେ ସଞ୍ଜୟ ଜଣେ ନବାଗତାଙ୍କୁ ସୁଯୋଗ ଦେବାକୁ ଚାହିଁଲେ। ତା'ପରେ ସୋନମ କପୁରଙ୍କୁ ଏହି ଭୂମିକା ପାଇଁ ସାଇନ୍ କରାଯାଇଥିଲା। ତେବେ ଦୀପିକାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ହେଉଛି 'ଓମ୍ ଶାନ୍ତି ଓମ୍'। ହିମେଶ ରେଶମିୟାଁଙ୍କ ମ୍ୟୁଜିକ ଆଲବମ୍ 'ନାମ ହେ ତେରା'ର ଶୁଟିଂ ସମୟରେ ଫରହା ଖାଁ ଦୀପିକାଙ୍କୁ ସ୍ପଟ୍ ଆଉଟ୍ କରିଥିଲେ ଏବଂ ତାଙ୍କ ନିର୍ଦ୍ଦେଶିତ 'ଓମ୍ ଶାନ୍ତି ଓମ୍' ଚଳଚ୍ଚିତ୍ରରେ ବ୍ରେକ୍ ଦେଇଥିଲେ। ଏହି ଫିଲ୍ମର ନାୟକ ଭୂମିକାରେ ଅଭିନୟ କରିଥିଲେ ଶାହରୁଖ ଖାଁ।

# ମନୋଜଙ୍କ ପ୍ରଶଂସାରେ ରାଜକୁମାର

ରାଜକୁମାର ରାଓ ଇତିମଧ୍ୟରେ ବଲିଉଡ୍‌ରେ ୧୪ ବର୍ଷ ପୂରଣ କରିଛନ୍ତି। ୨୦୧୦ରେ ଦିବାକର ବାନାର୍ଜୀଙ୍କ ନିର୍ଦ୍ଦେଶିତ 'ଲଭ୍ ସେକ୍ସ ଔର ଧୋକା' ସିନେମାରୁ ତାଙ୍କର କ୍ୟାରିୟର ଆରମ୍ଭ ହୋଇଥିଲା। ତେବେ ଜଣେ ଅଭିନେତା ହେବା ପଛରେ ତାଙ୍କ ପ୍ରେରଣା ମନୋଜ ବାଜପେୟୀ ଥିଲେ ବୋଲି ସେ କହନ୍ତି। ରାଜକୁମାର କୁହନ୍ତି, 'ସ୍କୁଲରେ ପଢ଼ିବା ସମୟରେ ମୁଁ ନାଟକରେ ଅଭିନୟ କରୁଥିଲି। ତେବେ ଦୁଃଖର କଥା ମାତ୍ର ବର୍ଷ କେଇଟା ବ୍ୟବଧାନରେ ମୋ ମାମା ଏବଂ ବାବାଙ୍କର ପରଲୋକ ଘଟିଥିଲା। ତଥାପି ସେତେବେଳେ ମୁଁ ଧୈର୍ଯ୍ୟର ସହ ନିଜ ଲକ୍ଷ୍ୟ ପଥରେ ଆଗେଇଥିଲି। ଦିଲ୍ଲୀରେ ଏକ ଥିଏଟର ଅନୁଷ୍ଠାନରୁ ଡ୍ରାମାରେ ଡିଗ୍ରୀ ହାସଲ ପରେ ମୁଁ ପୁନେସ୍ଥିତ ଫିଲ୍ମ ଆଣ୍ଡ ଟେଲିଭିଜନ ଇନଷ୍ଟିଚ୍ୟୁଟ ଅଫ ଇଣ୍ଡିଆରେ ପଢ଼ିଲି। ସେଠାରେ ମୋର ଆଦର୍ଶ ପାଲଟି ଗଲେ ମନୋଜ ବାଜପାୟୀ। ତାଙ୍କର ଅଭିନୟ ମୋତେ ଜଣେ ଅଭିନେତା ହେବା ପାଇଁ କେତେ ପ୍ରେରଣା ଦେଇଥିଲା ତାହା ମୁଁ ବର୍ଣ୍ଣନା କରିପାରିବି ନାହିଁ।' ନିଜ କ୍ୟାରିୟର ଭିତରେ ରାଜକୁମାର ଅଭିନୟ କରିଥିବା ଫିଲ୍ମଗୁଡିକ ଦର୍ଶକାଦୃତ ହୋଇପାରିଛି। 'କାଇ ପୋ ଚେ' ପାଇଁ ତାଙ୍କୁ ଶ୍ରେଷ୍ଠ ଅଭିନେତା ଭାବେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ମିଳିଥିଲା। ଗତ ମାସ ୧୫ ତାରିଖରେ ସେ ଅଭିନୟ କରିଥିବା 'ସ୍ତ୍ରୀ-୨' ରିଲିଜ ହୋଇ ବକ୍ସ ଅଫିସ୍‌ରେ ପାଖାପାଖି ୭୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆୟ କରିବାରେ ସକ୍ଷମ ହୋଇଛି।


ରାଜକୁମାର ରାଓ

# ଦେବଦାସୀରୁ ଆରମ୍ଭ

ଅଦିତି ରାଓ ହାଇଦରିଙ୍କ ବଡ ପରଦା ଜୀବନ ଆରମ୍ଭ ହୋଇଥିଲା ଏକ ତାମିଲ ଫିଲ୍ମରୁ। 'ଶ୍ରୀଙ୍ଗାରମ୍' ଟାଇଟଲ ବିଶିଷ୍ଟ ଏହି ଚିତ୍ରଟି ସତେ ଯେମିତି ତାଙ୍କ ପାଇଁ ଅଶୀର୍ବାଦସୂଚକ ଥିଲା। ଏଥିରେ ସେ ଜଣେ ଦେବଦାସୀ ଭୂମିକାରେ ଅଭିନୟ କରିଥିଲେ। ସବୁଠାରୁ ଖାସ୍ କଥା ହେଲା, ନିଜର ପ୍ରଥମ ସିନେମା ତାଙ୍କ ଭାଗ୍ୟ ରାସ୍ତାକୁ ଖୋଲିଦେଇଥିଲା। ଏହି ଫିଲ୍ମକୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ମିଳିଥିଲା। ଏ ନେଇ ଅଦିତି କହନ୍ତି, 'ମୁଁ କଦାପି ବିଶ୍ୱାସ କରି ନଥିଲି ଯେ, ମୋର ପ୍ରଥମ ସିନେମା ମୋ ପାଇଁ ଏତେ ଖୁସି ଆଣି ଦେବ। ଯେତେବେଳେ ଜାଣିଲି ଏହି ଫିଲ୍ମକୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ମିଳୁଛି ସେତେବେଳେ ମୁଁ ବିଶ୍ୱାସ କରିପାରି ନ ଥିଲି। ମୋତେ ଯେତେବେଳେ ଯେଉଁ ଅଫର ମିଳେ ପ୍ରଥମେ ମୁଁ ସେଗୁଡିକୁ ଭଲ ଭାବରେ ତର୍ଜମା କରେ। କାରଣ ଏଣୁତେଣୁ ଗୁଡାଏ ସିନେମାରେ ଅଭିନୟ କରି କେବଳ ସଂଖ୍ୟା ଗଣିଲେ କିଛି ଲାଭ ନାହିଁ। ପ୍ରତିଟି ସିନେମାରେ ଯଦି ନିଜ ଭୂମିକା ଦର୍ଶକଙ୍କୁ ପ୍ରଭାବିତ କରିପାରିଲା ତେବେ ପରିଶ୍ରମର ଉପଯୁକ୍ତ ମୂଲ୍ୟ ମିଳିଥାଏ।' ୨୦୦୭ରେ ରିଲିଜ ହୋଇଥିବା ଏହି ଫିଲ୍ମ ତିନୋଟି ଜାତୀୟ ଚଳଚ୍ଚିତ୍ର ପୁରସ୍କାର ହାସଲ କରିବାରେ ସକ୍ଷମ ହୋଇଥିଲା। ପରବର୍ତ୍ତୀ ସମୟରେ ଅଦିତି ନିଜକୁ ଜଣେ ଆଗଧାଡିର ଅଭିନେତ୍ରୀ ଭାବରେ ପରିଚିତ କରାଇ ପାରିଥିଲେ। କେବଳ ଜଣେ ଭଲ ଅଭିନେତ୍ରୀ ନୁହନ୍ତି ଅଦିତି ଭାରତନାଟ୍ୟମ ନୃତ୍ୟରେ ବି ବେଶ ନିପୁଣା। ତାଙ୍କର ପ୍ରଥମ ହିନ୍ଦୀ ସିନେମା ଥିଲା 'ଦିଲ୍ଲୀ-୬', ଯେଉଁଥିରେ ଜଣେ ପାର୍ଶ୍ୱ ଅଭିନେତ୍ରୀ ଭାବରେ ତାଙ୍କୁ ସୁଯୋଗ ମିଳିଥିଲା। ଅଦିତିଙ୍କ ଅଭିନୀତ ପ୍ରମୁଖ ହିନ୍ଦୀ ସିନେମାଗୁଡିକ ହେଲା-'ଧୋବି ଘାଟ', 'ୟେ ଶାଲି ଜିନ୍ଦେଗୀ', 'ରକ୍ ଷ୍ଟାର', 'ଲଣ୍ଡନ, ପ୍ୟାରିସ, ନ୍ୟୁୟର୍କ', 'ମର୍ଡର-୩', 'ବସ୍', 'ଗୁଡ୍ଡୁ ରଙ୍ଗୀଲା', 'ୱଜିର', 'ଭୂମି', 'ଦି ଗାର୍ଲ ଅନ ଦି ଟ୍ରେନ୍' ଏବଂ 'ସର୍ଦ୍ଦାର କା ଗ୍ରାଣ୍ଡସନ୍'ଆଦି।


ଅଦିତି


ଦୀପିକା

# ଭୁଲି ପାରୁ ନାହାନ୍ତି ଭୂମି

ଭୂମି ପେଦନେକର ନିଜ ପ୍ରଥମ ସିନେମା 'ଦମ୍ ଲଗାକେ ହୈସା'ର ଅଡିଶନକୁ ଭୁଲି ପାରୁନାହାନ୍ତି। କେମିତି ବା ଭୁଲିବେ କହୁନାହାନ୍ତି ? ଏଥିପାଇଁ ସେ ଥରେ ଅଡିଶନ ଦେଇ ସିଲେକ୍ଟ ହୋଇଥିଲେ। କିନ୍ତୁ କ'ଣ ହେଲା କେଜାଣି ସେହି 'ସନ୍ଧ୍ୟା' ଚରିତ୍ର ପାଇଁ ନିର୍ଦ୍ଦେଶକ ଶରତ କାଟ୍‌ରିୟା ଆହୁରି ୫-୬ ଥର ଅଡିଶନ ନେଇଥିଲେ। ଏ ନେଇ ଭୂମି କହନ୍ତି, 'ମୁଁ ଯେତେବେଳେ ଅଡିଶନ ଦେଲି ଆଉ ସେଥିରେ ଉତୀର୍ଣ୍ଣ ହେଲି, ସେତେବେଳେ ବେଶ୍ ଖୁସି ହୋଇଯାଇଥିଲି। କିନ୍ତୁ ପରେ ମୋ ଭୂମିକା ପାଇଁ ମୋତେ ଆଉ ୫-୬ ଥର ଅଡିଶନ ଦେବାକୁ ପଡିଥିଲା। ସେହି ସମୟରେ ଫିଲ୍ମର ଡାଏଲଗ, ତା'ସହ ଅଭିନୟକୁ ତନ୍ନ ତନ୍ନ କରି ନିର୍ଦ୍ଦେଶକ ତର୍ଜମା କରିଥିଲେ। ଯାହାହେଉ ଶେଷରେ ଭାଗ୍ୟଦେବୀ ମୋ ପ୍ରତି ପ୍ରସନ୍ନ ହେଲେ ଏବଂ ମୁଁ ବଡ ପରଦାରେ ମୁହଁ ଦେଖାଇବାରେ ସକ୍ଷମ ହୋଇଥିଲି।' ଏହି ଅଡିଶନ ଡ୍ରାମା ପ୍ରାୟ ଅଢ଼େଇ ମାସ ଧରି ଚାଲିଥିଲା। ଏଥିରେ ଭୂମିଙ୍କ ଅପୋଜିଟ୍‌ରେ ଆୟୁଷ୍ମାନ ଖୁରାନାଙ୍କୁ କାଷ୍ଟିଂ କରାଯାଇଥିଲା। ୨୦୧୫ରେ ରିଲିଜ ହୋଇଥିବା ତଥା ୧୪କୋଟି ବଜେଟ୍‌ରେ ନିର୍ମିତ ହୋଇଥିବା ଫିଲ୍ମଟି ବକ୍ସ ଅଫିସରେ ପାଖାପାଖି ୧୧୩କୋଟି ଆୟ କରିଥିଲା।


ଭୂମି

## ପ୍ରଥମ ରୋଜଗାର

# ସେଇ ୨୫ ଟଙ୍କାର ଚେକ୍...



ସାହିତ୍ୟିକ ଗଦାଧର ମିଶ୍ର ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ଏକ କୁଳୀନ ବ୍ରାହ୍ମଣ ପରିବାରର ମୁଁ ଥିଲି ଭାଇ ଓ ଭଉଣୀମାନଙ୍କ ମଧ୍ୟରେ ଷଷ୍ଠ ସନ୍ତାନ। ମୋ ଉପରେ ଦୁଇ ଭାଇ ଓ ତିନି ଭଉଣୀ ବଡ଼ ଥିଲେ। ହାଇସ୍କୁଲ ଶିକ୍ଷା ଶେଷ ହେବାପରେ ଆନନ୍ଦପୁର କଲେଜରେ ପାଠପଢ଼ି ପରେ ରେଭେନ୍ସା କଲେଜରେ ଓଡ଼ିଆ ଭାଷା ସାହିତ୍ୟରେ ଉପାଧ୍ୟୁତ୍ତର ଶିକ୍ଷାଲାଭ କରୁଥାଏ। ପ୍ରତ୍ୟେକ ମାସ ଘରୁ ଅଶୀ ହେଉ କି ଶହେ ଟଙ୍କା ଭାଇ ପଠାନ୍ତି। ବେଳେବେଳେ ଟଙ୍କା ନ ଥିଲେ ନ୍ୟୁ ପିଜି ହଷ୍ଟେଲର ମ୍ୟାନେଜର ବିଶ୍ୱନାଥ କର ମତେ ବିନା ଅର୍ଥରେ ଖାଇବାକୁ ଦେଉଥାନ୍ତି। ସେ ସମୟରେ କବିତା ଲେଖିବାର ଝୁଙ୍କ ମୋ ଭିତରେ ଖୁବ୍ ଥିଲା। ଥରେ ଯୁବବାଣୀରେ କବିତାଟିଏ ଲେଖି ଆବୃତ୍ତି କରିଥିଲି; ଯେଉଁଥିପାଇଁ ୨୫ ଟଙ୍କାର ଏକ ଚେକ୍ ମିଳିଥିଲା। ଏକଥା ମୋ ସାଙ୍ଗସାଥୀ ଓ ଘରଲୋକ ଜାଣିବା ପରେ ଖୁବ୍ ଖୁସି ହୋଇଯାଇଥିଲେ। ପଇସା ଅଭାବ ଯୋଗୁ ବହୁତ ଦିନରୁ ବହି କିଣିପାରୁ ନ ଥିଲି। ତେଣୁ ଏହି ଟଙ୍କାରେ ପ୍ରଥମେ କଲେଜ ଛକରେ ଥିବା ହାଫ୍ ରେଟ୍ ବହି ଦୋକାନରୁ କେତୋଟି ଆବଶ୍ୟକୀୟ ବହି କିଣିଥିଲି। ତା'ପରେ କଲେଜ ଗେଟ୍ ପାଖରେ ଥିବା ଚାଟ୍ ଦୋକାନରୁ ପ୍ଲେଟ୍ ପିଛା ୨୫ ପଇସା ଦେଇ ଆମେ ତିନି ବନ୍ଧୁ ୭୫ ପଇସାର ଚାଟ୍ ଖାଇଥିଲୁ। ଏସବୁ କଥା ପୋଷ୍ଟ କାର୍ଡରେ ଲେଖି ଘରଲୋକଙ୍କୁ ଜଣାଇଥିଲି। ଘରଲୋକେ ରେଡିଓରୁ ମୋ କବିତା ଶୁଣି ଭାରି ଖୁସି ହୋଇଥିଲେ। ବାପା କାଳେ କାନ୍ଦି ପକାଇଥିଲେ। କେବଳ ସେତିକି ନୁହେଁ, ମୋ ବାପା ଓ ନନା ଆନନ୍ଦପୁର ଅଞ୍ଚଳର ସମସ୍ତ ପରିଚିତ ବ୍ୟକ୍ତିଙ୍କୁ ମୋ ରେଡିଓ ପ୍ରୋଗ୍ରାମ ସମ୍ପର୍କରେ ସୂଚନା ଦେଇ, ମୋ ପ୍ରତି ସେମାନଙ୍କ ମତ ଓ ମନ୍ତବ୍ୟ ସବୁକୁ ଚିଠି ମାଧ୍ୟମରେ ଲେଖି ମୋତେ ଜଣାଇଥିଲେ। ସେତେବେଳର ପୋଲିସ ଡିଜି ଶ୍ୟାମସୁନ୍ଦର ପାଢ଼ୀ କଟକ ଆକାଶବାଣୀରୁ ମୋ କବିତା ଶୁଣି ଖୁବ୍ ଖୁସି ହୋଇ ତାଙ୍କର ଏକ ଇଂଲିଶ କବିତା ସଂକଳନ 'ରିପଲ୍' ମତେ ଉପହାର ସ୍ୱରୂପ ଦେଇଥିଲେ। ତା'ସହିତ ମୋତେ ଅନେକ ଉତ୍ସାହପୂର୍ଣ୍ଣ ଚିଠି ଦେଇଥିଲେ; ଯାହା ଏବେ ମଧ୍ୟ ମୋ ପାଖରେ ଅଛି। ସେଥର ଛୁଟିରେ ଆସିବା ପରେ ବାପା ଖୁବ୍ ପ୍ରେରଣା ଦେଇଥିଲେ। ଏବେ ବି ସେ କଥା ମନେପଡ଼ିଲେ ସେଇ ଅତୀତ ହିଁ ମୋ ଉପରେ ସବାର ହୋଇ ମତେ ମୋ ଛାତ୍ର ଜୀବନକୁ, ସେଇ କଲେଜ ଛକକୁ ନେଇଯାଏ। ଏବେ ତ ଅଧ୍ୟାପନାରୁ ଅବସର ଗ୍ରହଣ କରିସାରିଛି ହେଲେ ଯୁବକ ବେଳର ସେହି ସ୍ମୃତି ଏବେ ବି ମତେ ବେଦମ କରିଦିଏ।

ମୋର ଲେଖକୀୟ ଜୀବନ ପିଲାଟିବେଳୁ ଥିଲେ ହେଁ ବିଧିବଦ୍ଧ ଭାବେ ମୋର ପ୍ରଥମ ପୁସ୍ତକ ''କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଓ ଲାବଣ୍ୟବତୀ'' ୧୯୯୨ ମସିହାରେ କଟକର ନାଳନ୍ଦା ପବ୍ଲିଶର୍ସ ପ୍ରକାଶ କରିଥିଲା। ମୁଁ ଲେଖିଥିବା ପୁସ୍ତକ ମଧ୍ୟରେ ଓଡ଼ିଆ ସାହିତ୍ୟର ସାମାଜିକ ଓ ସାଂସ୍କୃତିକ ଇତିହାସ, ସାହିତ୍ୟିକ ଭିତ୍ତିଭୂମି : ଧରା ଓ ଧାରା, କବି ଦୀନକୃଷ୍ଣ ଓ ରସକଲ୍ଲୋଳ, କବି ଅଭିମନ୍ୟୁ ଓ ବିଦଗ୍ଧ ଚିନ୍ତାମଣି, କବି ଗଙ୍ଗାଧର ଓ ପ୍ରଣୟ ବଲ୍ଲରୀ ତଥା ସାହିତ୍ୟର ଗଠନ ରୀତି ସହିତ କବିବର ରାଧାନାଥଙ୍କ ଦରବାର ଓ ଉଷା ଖଣ୍ଡକାବ୍ୟକୁ ମୂଳ ଲେଖା ସହିତ ସମ୍ପାଦନା କରିଛି। ଏତଦ୍‌ବ୍ୟତୀତ 'ଯେତେ ଦୂରେ ଥାଅ ପଛେ' ଓ 'ସବା ବଡ଼ଭାଇ' ନାମରେ ଦୁଇଟି କବିତା ସଂକଳନ ପ୍ରକାଶ ପାଇଛି। ୧୯୭୫ ମସିହାରେ ସ୍ୱର୍ଗତା ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଜାତୀୟ ଜରୁରୀ ପରିସ୍ଥିତି ସମୟରେ ଏଗାର ମାସ ଜେଲ ଜୀବନକୁ ନେଇ ମୁଁ ମୋର ଆତ୍ମଜୀବନୀ ରଚନାରେ ଏବେ ପ୍ରବୃତ୍ତ ଅଛି।

# ଅଧୁରା କଥା ଅଥୟ ମନ, ଭାବନାରେ ବିତି ଯାଉଛି ଦିନ

**ପ୍ରଶ୍ନ**—ମୁଁ ଜଣେ ସୁନ୍ଦରୀକୁ ମନପ୍ରାଣ ଦେଇ ଭଲ ପାଉଛି। ତାକୁ ମୁଁ ମୋ ପ୍ରେମିକା ଭାବରେ ପାଇବି ତ ?

*–ପ୍ରଦୀପ କୁମାର, ପୁରୀ*

**ଉତ୍ତର :** ପ୍ରେମ ଏଭଳି ଏକ ନିଶା ଯାହା ଥରେ ମୁଣ୍ଡକୁ ଚଢ଼ିଗଲେ ଚାରିଆଡ କେବଳ ପ୍ରେମମୟ ଦେଖାଯାଇଥାଏ। କିନ୍ତୁ ଏହି ରାସ୍ତାରେ ପାଦ ଦେବା ପୂର୍ବରୁ ତରବର ହେବା ଆଦୌ ଠିକ ନୁହେଁ। ଆପଣ ଯାହାକୁ ମନର ମାନସୀ ଭାବରେ ଗ୍ରହଣ କରି ସାରିଛନ୍ତି ତା' କଥା ଭାବି ଭାବି ଦିନ କଟିଯାଉଛି। ହେଲେ ତାହାକୁ ପାଇବେ କି ନାହିଁ–ସେ ନେଇ ଆପଣଙ୍କ ମନ ଆନ୍ଦୋଳିତ ହେଉଛି। 'ଅଧୁରା କଥା ଅଥୟ ମନ, ଭାବନାରେ ବିତି ଯାଉଛି ଦିନ।' ତେଣୁ ଭାବନା ରାଇଜରୁ ନିଜକୁ ଦୂରେଇ ନେଇ ବାସ୍ତବ ଦୁନିଆକୁ ଆସନ୍ତୁ। ଯାହାକୁ ମନପ୍ରାଣ ଦେଇ ଭଲ ପାଉଛନ୍ତି ତା' ବିଷୟରେ ଯଦି କିଛି ଜାଣିଛନ୍ତି ତେବେ ତାହାକୁ ଆଧାର କରି ସବିଶେଷ ତଥ୍ୟ ସଂଗ୍ରହ କରନ୍ତୁ। ଯଦି ମନ ମାନିଲା ତେବେ ଆପଣଙ୍କ ମନର ମାନସୀକୁ ମନର କଥା କହି ଦିଅନ୍ତୁ। ପାଣିପାଗ ଯଦି ଠିକ୍ ରହେ, ତେବେ ଆପଣଙ୍କ ମନ ଥୟ ହୋଇଯିବ ଏବଂ ତା'ପରେ କେବଳ ଧାଡି ଦେଖି ମାଡିଯିବା କଥା।

**ପ୍ରଶ୍ନ**—ପ୍ରେମ କରିବା ପୂର୍ବରୁ ଅନେକ ଝିଅ ଲାଜ କରନ୍ତି କାହିଁକି ?

*–ସୁଦୀପ ନାୟକ, ସାଲେପୁର*

**ଉତ୍ତର :** 'ଲାଜୁଆ ଆଖିର ଭିତିରି କଥା ଘଡିକେ ଘୁରାଇ ଦିଅଇ ମଥା'। ଲାଜେଇ ଝିଅର ଆଖିରେ ପ୍ରେମ ଭରି ରହିଥାଏ। ସେହି ଲାଜରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ। ତେଣୁ ତା' ଲାଜକୁ ନେଇ ଆପଣ ଯଦି ଲାଜରେ ଝାଉଁଳି ପଡିଲେ ତେବେ ପ୍ରେମ କେମିତି ହେବ କହୁନାହାନ୍ତି ? ସେହି ଲାଜକୁ ଭଲ ଭାବରେ ତର୍ଜମା କରନ୍ତୁ। ଯଦି ସେଥିରୁ ପ୍ରେମର ସୁରାକ ପାଇଲେ ତେବେ ଡେରି ନ କରି ବହି ଫିଟ୍ କରିଦିଅନ୍ତୁ।

**ପ୍ରଶ୍ନ**—ମୋ ପ୍ରଥମ ପ୍ରେମକୁ ମୁଁ ଭୁଲି ପାରୁନି। ସେ ସିନା ମୋତେ ଧୋକା ଦେଇ ଚାଲି ଗଲା, ହେଲେ ସେ ମୋ ମନରେ ସବୁଦିନ ରହିବ। ଏବେ ମୁଁ ଆଉ ଜଣେ ଝିଅକୁ ଭଲ ପାଇବି ବୋଲି ଚିନ୍ତା କରୁଛି। ଏ ନେଇ ଆଗେଇବା ଠିକ୍ ହେବ ତ ?

*–ଅମରଜିତ, ବାଲେଶ୍ୱର*

**ଉତ୍ତର :** ଗୋଟିଏ ପଟେ ଲେଖିଛନ୍ତି ଯେ ପ୍ରଥମ ପ୍ରେମକୁ ଭୁଲି ପାରୁନି। ସେପଟେ ପୁଣି ଥରେ ପ୍ରେମ ନଈରେ ଡୁବ ପକାଇବାକୁ ମନ ଉତାବିଳା ହେଲାଣି। ଏପରି ଦୁଇ ନାଆରେ ଗୋଡ ଦେଲେ କିଛି ଲାଭ ହେବ ନାହିଁ। ପ୍ରଥମେ ନିଜ ମନକୁ ନିର୍ମଳ ରଖନ୍ତୁ। ଯେଉଁ ପ୍ରେମରେ ଧୋକା ଖାଇଥିଲେ ସେଭଳି ପ୍ରେମକୁ ଯଦି ସବୁବେଳେ ମନେ ପକାଇବେ ତେବେ ତାହା ମନ ଭିତରେ ସେମିତି ଧୁକୁ ଧୁକୁ ହୋଇ ଜଳୁଥିବ ଆଉ ତାହାର ପ୍ରଭାବରେ ନା ଆପଣ ଆଗକୁ ଯିବେ ନା ସେହି ପ୍ରେମକୁ ଭୁଲିପାରିବେ। ତେଣୁ ପ୍ରଥମେ ସେହି ପ୍ରେମରେ ସବୁଦିନ ପାଇଁ ପୂର୍ଣ୍ଣଚ୍ଛେଦ ଟାଣି ଦିଅନ୍ତୁ। ଯଦି ପୁଣି ଥରେ ପ୍ରେମ କରିବାକୁ ମନ ବଳାଇଛନ୍ତି ତେବେ ଏମିତିକା ପ୍ରେମିକାଟିଏ ଖୋଜନ୍ତୁ ଯିଏ ସାରା ଜୀବନ ଆପଣଙ୍କ ପାଖରେ ରହିଥିବ।

**ପ୍ରଶ୍ନ**—ଜଣେ ସାଙ୍ଗ କଥାରେ ପଡି ଯେଉଁ ଝିଅକୁ ପ୍ରେମ କଲି ସେ ମୋତେ ଅଧା ବାଟରେ ଏମିତି ନାମ ଦେଲା ଯେ, ଆଉ ପ୍ରେମ କରିବାକୁ ମନ ହେଉନାହିଁ। ମୁଁ ମୋ ମନକୁ କେମିତି ବଦଳାଇବି କହିବେ କି ସାଥୀ ?

*–ପ୍ରୀତମ, କେନ୍ଦ୍ରାପଡା*

**ଉତ୍ତର :** କାହା ବୁଦ୍ଧିରେ ପଡି ପ୍ରେମ କଲେ ଏମିତି ପରିସ୍ଥିତିର ସାମନା କରିବାକୁ ପଡିଥାଏ। ଆପଣଙ୍କ ସାଙ୍ଗର ସଜେସନକୁ ଭଲ ଭାବରେ ପରଖି ନେବାର ଥିଲା। ତାଙ୍କ କଥାରେ ପଡି ଆଗ ପଛ ବିଚାର ନ କରି ଆଗେଇ ଗଲେ। ଆଉ ଅଧା ବାଟରେ ଏମିତି ବୁଦ୍ଧି ଶିଖିଲେ ଯେ ତାହାକୁ ବାଉଳି ହେଉଛନ୍ତି। କଥାରେ ଅଛି 'ଗତସ୍ୟ ଶୋଚନା ନାସ୍ତି'। ତେଣୁ ସେପରି ପ୍ରେମକୁ ଯେତେ ଶୀଘ୍ର ମନରୁ ପାଶୋରି ପକାନ୍ତୁ ଓ ନୂଆ ପ୍ରେମ ବିଷୟରେ ଚିନ୍ତା କରନ୍ତୁ ନା !



ସ୍ୱାତୀ



# ଚିତ୍ରକର ଓ ରାଜକୁମାରୀଙ୍କ ପ୍ରେମ କାହାଣୀ



– ପ୍ରଦୀପ କୁମାର ରାୟ

ଫଗୁଣର ଏକ ଅପରାହ୍ନରେ ଲାଲମାଟିର ପାହାଡ଼ୀ ରାସ୍ତାରେ ପାଖାପାଖି ଚାଲିଛନ୍ତି ଦୁଇଜଣ। ଜଣେ ବିଖ୍ୟାତ ଶିଳ୍ପୀ ରାମକିଙ୍କର ବେଜ୍ ଏବଂ ଅପର ଜଣକ ତାଙ୍କର ଛାତ୍ରୀ ମଣିପୁରର ରାଜକୁମାରୀ ବିନୋଦିନୀ। ଚାଲୁଚାଲୁ ଦିଗନ୍ତର ଛାଇ ଆଲୁଅରେ କ୍ରମଶଃ ବିନ୍ଦୁଟିଏ ହୋଇ ମିଳେଇଗଲେ ଦୁଇଜଣ...!

ତଥାପି ସେତେବେଳେ ପବନରେ ଦ୍ୱିତୀୟ ବିଶ୍ୱଯୁଦ୍ଧର ବାରୁଦ ଗନ୍ଧ। ଜାପାନୀ ସୈନ୍ୟମାନେ ବର୍ମା ଅତିକ୍ରମକରି ମଣିପୁର ସୀମାନ୍ତରେ ଆସି ପହଞ୍ଚିଯାଇଛନ୍ତି । ଜାପାନୀ ସୈନ୍ୟମାନଙ୍କ ଆକ୍ରମଣ ଭୟରେ ମଣିପୁରର ରାଜପରିବାର ଏକୋଇଶ ବର୍ଷର ରାଜକୁମାରୀ ବିନୋଦିନୀଙ୍କୁ ସାଥିରେ ନେଇ ରାଜପ୍ରାସାଦ, ରାଜ୍ୟ, କ୍ଷମତା, ବିଳାସ ସବୁକିଛି ଛାଡ଼ିଦେଇ ଚାଲିଆସିଲେ ନବଦ୍ୱୀପକୁ । ଧର୍ମପ୍ରାଣ ଏହି ବୈଷ୍ଣବ ରାଜପରିବାର ନବଦ୍ୱୀପ ଗୌଡ଼ୀୟ ମଠର ଗୋସ୍ୱାମୀଙ୍କର ଦୀକ୍ଷିତ ଶିଷ୍ୟ । ତେଣୁ କିଛି କାଳ ନିରାପଦରେ ନବଦ୍ୱୀପର ଗୁରୁଙ୍କ ଗୃହରେ ବସବାସ କରିବା ପାଇଁ ସେମାନେ ଚାଲି ଆସିଥିଲେ।

ମଣିପୁରର ରାଜା ଚୂଡ଼ାଚାନ୍ଦ ସିଂ ଏବଂ ମହାରାଣୀ ଧନମଞ୍ଜରୀଙ୍କର ୫ ଝିଅ । ବିନୋଦିନୀ ବା ଇମସାଇ ସେମାନଙ୍କ ମଧ୍ୟରେ କନିଷ୍ଠା । ବିନୋଦିନୀଙ୍କ ଜନ୍ମ ୧୯୨୨ ମସିହାରେ ଇମ୍ଫାଲର କୁନ୍ଦୁ ରାଜପ୍ରାସାଦରେ । ସେ ଜଣେ ଇଂରେଜ ମେମଙ୍କ ପାଖରୁ ପ୍ରାଥମିକ ଶିକ୍ଷାଲାଭ କରିଥିଲେ । ତା'ପରେ ଆସାମର ତତ୍କାଳୀନ ରାଜଧାନୀ ଶିଲଂ ପାଇନ ମାଉଣ୍ଟ ସ୍କୁଲ ଏବଂ ତା'ପରେ ସେଣ୍ଟ ମେରିଜ୍ କଲେଜରୁ ଶିକ୍ଷାଲାଭ କରିଥିଲେ ।

ରାଜପରିବାର ମଣିପୁର ଛାଡ଼ି ଚାଲିଆସିବା ପରେ ବିନୋଦିନୀ ନବଦ୍ୱୀପରେ ଗୁରୁଙ୍କ ଗୃହରେ ଥାଇ ବିଦ୍ୟାସାଗର କଲେଜର ତରୁଣ ଅଧ୍ୟାପକ ପୀୟୂଷ ଦାଶଗୁପ୍ତଙ୍କ ପାଖରେ ପଢୁଥିଲେ । ରବୀନ୍ଦ୍ର ଅନୁରାଗୀ ପୀୟୂଷବାବୁ ହିଁ ପ୍ରଥମେ ବିନୋଦିନୀଙ୍କ ମନରେ ରବୀନ୍ଦ୍ର ପ୍ରେମ ଜଗାଇଥିଲେ । ମଣିପୁର ରାଜପରିବାରର ଆଉ ଜଣେ ବନ୍ଧୁ ଶିଳ୍ପୀ ଚଣ୍ଡୀ ଲାହିଡ଼ି ଏବଂ ପୀୟୂଷବାବୁଙ୍କ ପରାମର୍ଶକ୍ରମେ ବିନୋଦିନୀ ଶାନ୍ତିନିକେତନ ଆସି କଳା ଭବନରେ ନାମ ଲେଖାଇଲେ । ଭାସ୍କର୍ଯ୍ୟ ଥିଲା ତାଙ୍କର ପ୍ରିୟ ବିଷୟ । ଗୋଟିଏ ବର୍ଷ ଶାନ୍ତିନିକେତନରେ ରହିବା ପରେ ସେ ଫେରିଯାଇଥିଲେ, କିନ୍ତୁ ପୁଣି ୧୯୪୭ ମସିହାରେ ଶାନ୍ତିନିକେତନକୁ ଫେରିଆସିଥିଲେ । ଏଥର ଶାନ୍ତିନିକେତନ ସହ ତାଙ୍କର ନିବିଡ଼ ସମ୍ପର୍କ ଗଢ଼ି ଉଠିଥିଲା। ସେତେବେଳେ କଳାଭବନର ଅଧ୍ୟାପକ ଥିଲେ ବିଖ୍ୟାତ ଶିଳ୍ପୀ ରାମକିଙ୍କର ବେଜ। ୧୯୩୪ ମସିହାରୁ ଶାନ୍ତିନିକେତନର କଳାଭବନରେ ଅଧ୍ୟାପନା କରୁଥିବା ରାମକିଙ୍କରଙ୍କର ବୟସ ଯେତେବେଳେ ୪୦ ବର୍ଷ , ସେତେବେଳେ ତାଙ୍କର ଛାତ୍ରୀ ଭାବରେ ୨୧ ବର୍ଷର ବିନୋଦିନୀ ନାମ ଲେଖାଇଥିଲେ । ରାମକିଙ୍କର ଲେଖିଛନ୍ତି – ବିନୋଦିନୀ ମୋର ଛାତ୍ରୀ । ମଣିପୁରୀ ଝିଅ । ପ୍ରେରଣା ପାଉଥିଲି ତାଙ୍କ ପାଖରୁ ।

ବିନୋଦିନୀ ଯେତେବେଳେ ପ୍ରଥମେ ଶାନ୍ତିନିକେତନକୁ ଆସିଥିଲେ, ସେ ସମୟରେ ଜଣେ ରାଜକୁମାରୀ ଭାବରେ ଦାମୀ ଶାଢ଼ି ଓ ଗହଣା ନେଇ ଆସିଥିଲେ । କିନ୍ତୁ ସେହି ଦାମୀ ଶାଢ଼ି ଓ ଗହଣା ପିନ୍ଧି ସାନ୍ତାଳପଲ୍ଲୀକୁ ଯିବାବେଳେ ତାଙ୍କୁ ଭୀଷଣ ଅସହଜ ଲାଗୁଥିଲା । ତେଣୁ ରାଜକୀୟ ପୋଷାକ ପରିତ୍ୟାଗକରି ବିନୋଦିନୀ ସାନ୍ତାଳୀ ଝିଅମାନଙ୍କ ପରି ଅତି ସାଧାରଣ ପୋଷାକ ପିନ୍ଧିବା ଆରମ୍ଭ କରିଦେଇଥିଲେ । ଫଳରେ ତାଙ୍କର ସଙ୍କୋଚ କଟିଯାଇଥିଲା ଏବଂ ଖୁବ୍ ସହଜ ଭାବରେ ସେ ସାନ୍ତାଳୀ ଝିଅମାନଙ୍କ ସହ ମିଶି ଯାଇଥିଲେ। ବିନୋଦିନୀଙ୍କର ଏହି ସହଜ ଓ ସରଳ ମନ ହିଁ ରାମକିଙ୍କରଙ୍କର ଆକର୍ଷଣର ପ୍ରଥମ କାରଣ ଥିଲା।

ସାନ୍ତାଳପଲ୍ଲୀ ଅତିକ୍ରମକରି ଲାଲମାଟିର ପାହାଡ଼ୀ ରାସ୍ତାରେ ବିନୋଦିନୀ ଓ ରାମକିଙ୍କର ଘୁରି ବୁଲୁଥିଲେ । ରୂପବତୀ ରାଜକନ୍ୟାଙ୍କର ମନର ମାଧୁରୀ ମିଶିଯାଉଥିଲା ପ୍ରକୃତି ଭିତରେ। ଦିନସବୁ ରଙ୍ଗିନ ଡେଣା ମେଲି ଭାସି ବୁଲୁଥିଲେ ଶାଳବଣ ଏବଂ ପାହାଡ଼ର ଆକାଶ ବତାସରେ।

ବିନୋଦିନୀଙ୍କ ଉଦାର ମନରେ ଧର୍ମ, ବର୍ଣ୍ଣ ବା ଅନ୍ୟ କୌଣସି ପ୍ରକାର ବିଭାଜନର କଥା ପ୍ରବେଶକରିପାରୁ ନ ଥିଲା । ତେଣୁ ଖୁବ୍ ସହଜରେ ରାମକିଙ୍କରଙ୍କ ସହ ସେ ମନ ମିଳାଇପାରିଥିଲେ । ଭୁଲିଯାଇଥିଲେ ରାମକିଙ୍କରଙ୍କ ସହ ତାଙ୍କର ଯୋଜନ ଯୋଜନ ଦୂରତ୍ୱର ସାମାଜିକ ବ୍ୟବଧାନର କଥା । ଏପରିକି ସେମାନଙ୍କ ଭିତରେ ଥିବା ବୟସର ବ୍ୟବଧାନର କଥା ମଧ୍ୟ ମନେରଖି ନ ଥିଲେ।

**(ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଶିଳ୍ପୀ ରାମକିଙ୍କର ବେଜ୍ (ପଦ୍ମଭୂଷଣ) ଏବଂ ବିଖ୍ୟାତ ଲେଖିକା, ଶିଳ୍ପୀ ମଣିପୁରର ରାଜକୁମାରୀ ବିନୋଦିନୀ (ପଦ୍ମଶ୍ରୀ)ଙ୍କ ପ୍ରେମ କାହାଣୀ)**

ରାମକିଙ୍କରଙ୍କ ମନର ଏକାବେଳକେ ପାଖରେ ପହଞ୍ଚି ସେ ଚାହିଁଥିଲେ ଉଭୟଙ୍କ ଜୀବନକୁ ପ୍ରେମର ରଜ୍ଜୁରେ ଚିରଦିନ ବାନ୍ଧିରଖିବା ପାଇଁ। ବିନୋଦିନୀଙ୍କର ଏହି ହୃଦୟାଭାସ ରାମକିଙ୍କରଙ୍କର ମନକୁ ମଧ୍ୟ ଆଲୋଡ଼ିତ କରିଥିଲା । ଆଜନ୍ମ ନାନା ଅପ୍ରାପ୍ତିକୁ ସାଥିକରି ବଢ଼ି ଉଠିଥିବା ରାମକିଙ୍କରଙ୍କ ଜୀବନ ମଧ୍ୟ ଜାବୁଡ଼ି ଧରିଥିଲା ସେହି ପ୍ରେମକୁ । ନିଜ ହୃଦୟର ସବୁକିଛି ଅଜାଡ଼ି ଦେଇ ସେ ଆଦରି ନେଇଥିଲେ ପ୍ରେମକୁ, ବିନୋଦିନୀଙ୍କୁ।

ଇଂରାଜୀ, ହିନ୍ଦୀ, ବାଂଲା ଏବଂ ମଣିପୁରୀ ଭାଷାରେ ପ୍ରବଳ ଦଖଲ ଥିବା ବିନୋଦିନୀ ସଙ୍ଗୀତ ତଥା ନୃତ୍ୟକଳାରେ ମଧ୍ୟ କୁଶଳୀ ଥିଲେ । ଲାବଣ୍ୟମୟୀ ପତଳା ଗଢ଼ଣର ବିନୋଦିନୀଙ୍କର ସ୍ୱପ୍ନବୋଳା ଦୁଇ ଆଖି ରାମକିଙ୍କରଙ୍କ ମନରେ ଏଭଳି ଘରକରି ରହିଥିଲା ଯେ ସେ ବିନୋଦିନୀଙ୍କର ଅସଂଖ୍ୟ ପୋଟ୍ରେଟ୍ ଆଙ୍କିଥିଲେ । ୧୯୪୫ ମସିହାରେ ରାମକିଙ୍କର ସିମେଣ୍ଟରେ ତିଆରି କରିଥିଲେ ବିନୋଦିନୀଙ୍କର ଏକ ଅପୂର୍ବ ମୂର୍ତ୍ତି । ରାମକିଙ୍କର ଆଙ୍କିଥିବା ବିନୋଦିନୀଙ୍କର ଅନେକ ପୋଟ୍ରେଟ୍ ଏବଂ ମୂର୍ତ୍ତି 'ବିନୋଦିନୀ ସଂଗ୍ରହ' ଶୀର୍ଷକରେ ଦିଲ୍ଲୀର ' ନ୍ୟାଶନାଲ ଗ୍ୟାଲେରି ଅଫ୍ ମର୍ଡନ ଆର୍ଟ'ରେ ଏଯାବତ୍ ସଂରକ୍ଷିତ ହୋଇ ରହିଛି । ଆଉ କିଛି ରହିଛି ଶାନ୍ତିନିକେତନର କଳା ଭବନରେ । ବିନୋଦିନୀ ସଂଗ୍ରହର 'ଆର୍ଟିଷ୍ଟ ଆଣ୍ଡ ମଡେଲ' ବା 'କମ୍ରେଡ୍ ଆଟି' ରେ ରାମକିଙ୍କର ରଖିଯାଇଛନ୍ତି ଉଭୟଙ୍କୁ।

ରାମକିଙ୍କର ଓ ବିନୋଦିନୀ ନିର୍ଜନ ବଣ ଭିତରେ ପାଖାପାଖି ଚାଲୁଛନ୍ତି । ବଳିଷ୍ଠ ଚେହେରାର ରାମକିଙ୍କରଙ୍କ ମୁଣ୍ଡରେ ତାଳପତ୍ରରେ ତିଆରି ସାନ୍ତାଳୀ ଟୋପି, ହାତରେ ଚିତ୍ର ଆଙ୍କିବା ପାଇଁ ବୋର୍ଡ, ଉର୍ଦ୍ଧ୍ୱ ଅଙ୍ଗ ଅନାବୃତ୍ତ ବିନୋଦିନୀ ଚାଲିଛନ୍ତି ତାଙ୍କ ପାଖେ ପାଖେ। ଆନନ୍ଦ ଆଗ୍ରହରେ ସେମାନେ ନିଜ ନିଜ ଭିତରେ ବୁଡ଼ି ରହିଛନ୍ତି । ଗଛପତ୍ର ସେମାନଙ୍କୁ ଘେରି ଛାଇ ଆଲୁଅର ମାୟା ଜଗତ ସୃଷ୍ଟି କରୁଛି– ରାମକିଙ୍କରଙ୍କ ତୁଳୀରେ ଜୀବନ୍ତ ରୂପ ପାଇଛି । ନାରୀ–ପୁରୁଷଙ୍କର ଏଭଳି ଅନାବିଳ ମଧୁର ଚିତ୍ର ଅନ୍ୟତ୍ର ଦେଖାଯାଏ ନାହିଁ । କିନ୍ତୁ ଏହି ଛାଇ ଆଲୁଅର ମାୟା ଜଗତରେ କେତେ ପଥ ପରିକ୍ରମା କରିଥିଲେ ସେମାନେ... ?







ବିନୋଦିନୀଙ୍କ ଶିକ୍ଷା ସମାପ୍ତ ହେବାକୁ ବସିଛି । ଫେରିଯିବେ ମଣିପୁର। କିନ୍ତୁ ଏକା ଏକା କ'ଣ ତାଙ୍କର ଫେରିବା ସମ୍ଭବ ହେବ ? ବିନୋଦିନୀ ରାମକିଙ୍କରଙ୍କୁ କହିଲେ, '' ମୋ ସାଥିରେ ଚାଲନ୍ତୁ । ମଣିପୁରରେ ରହିବା ।'' କିନ୍ତୁ ରାମକିଙ୍କରଙ୍କର ଶିଳ୍ପୀ ମନ କୌଣସି ବନ୍ଧନରେ ବାନ୍ଧିହୋଇ ରହିବାକୁ ଚାହେଁ ନାହିଁ । ରାମକିଙ୍କର କହିଲେ, '' ଅସଲରେ ମୁଁ କୌଣସି ବନ୍ଧନରେ ବାନ୍ଧିହୋଇ ରହିବାକୁ ଚାହେଁ ନାହିଁ । ବନ୍ଧନରେ ବାନ୍ଧିହେଲେ ସୃଷ୍ଟିର କ୍ଷତି ହେବ । ମୋର ଗୋଟିଏ ମାତ୍ର ଲକ୍ଷ୍ୟ – ଆର୍ଟ ୱାର୍କ । ଅପରପକ୍ଷରେ ମଣିପୁର ରାଜପରିବାର ଆଦୌ ରାଜି ନୁହନ୍ତି ଜଣେ ବାରବୁଲା ଶିଳ୍ପୀଙ୍କ ହାତରେ ରାଜକନ୍ୟାଙ୍କର ବିବାହ କରାଇବା ପାଇଁ । ଫଳରେ ସବୁକିଛି ତ୍ୟାଗକରି ବିନୋଦିନୀ ମଣିପୁର ଫେରିଯିବାକୁ ବାଧ୍ୟ ହୁଅନ୍ତି । ଅନେକେ ଦେଖିଛନ୍ତି, ବିନୋଦିନୀ ଚାଲିଯିବା ପରେ ହାତରେ ତୁଳୀ ଧରି କାନ୍ଭାସ ସାମ୍ନାରେ ବସିରହି ଗୀତ ଗାଉ ଗାଉ ରାମକିଙ୍କରଙ୍କ ଆଖିରୁ ବୋହିଯାଉଛି ଧାର ଧାର ଅମାନିଆ ଲୁହ।

ଶାନ୍ତିନିକେତନ ଛାଡ଼ି ଚାଲିଆସିବା ପରେ ବିନୋଦିନୀଙ୍କର ବିବାହ ହୁଏ ଡାକ୍ତର ଲାଇଫୁଙ୍ଗବାମଙ୍କ ସହ । ସେମାନଙ୍କର ୨ ପୁଅ । ତେବେ ସେମାନଙ୍କର ବୈବାହିକ ଜୀବନ ଆଦୌ ସୁଖକର ହୋଇ ନ ଥିଲା । କ୍ରମଶଃ ବିନୋଦିନୀ ମନୋନିବେଶ କରିଥିଲେ ସାହିତ୍ୟ ଓ ଚିତ୍ରକଳା ଚର୍ଚ୍ଚାରେ। ୧୯୬୫ ମସିହାରେ ତାଙ୍କ ରଚିତ ନାଟକ 'ଆସଂବା ନୋଂଗିୟାବି' ରେଡିଓରେ ପ୍ରଚାରିତ ହୁଏ । ଏହି ନାଟକର ନାୟକ ଗୌତମ ଏବଂ ନାୟିକା ଇନ୍ଦୁ ଚରିତ୍ର ଦୁଇଟିକୁ ସେ ଗଢ଼ିତୋଳିଥିଲେ ରାମକିଙ୍କର ଏବଂ ନିଜର ଚରିତ୍ର ଭାବରେ । ୧୯୭୬ ମସିହାରେ ବିନୋଦିନୀଙ୍କ ରଚିତ ଉପନ୍ୟାସ 'ବଡ଼ସାହେବ ଓଂବି ସାନାତେଂଗବ' ସାହିତ୍ୟ ଏକାଡେମୀ ପୁରସ୍କାର ଲାଭକରେ ଏବଂ ସେହିବର୍ଷ ସେ 'ପଦ୍ମଶ୍ରୀ' ସମ୍ମାନରେ ସମ୍ମାନିତ ହୁଅନ୍ତି । ନିଜର ମଣିପୁରୀ ନୃତ୍ୟଦଳ ଧରି ବିନୋଦିନୀ ବିଶ୍ୱର ବିଭିନ୍ନ ଦେଶ ଭ୍ରମଣ କରନ୍ତି । ତାଙ୍କର ନୃତ୍ୟନାଟ୍ୟ ସଂଗାଇ ଆନ୍ତର୍ଜାତିକ ଖ୍ୟାତି ଲାଭକରେ। ବିନୋଦିନୀଙ୍କର ଦୀର୍ଘ କର୍ମମୟ ଜୀବନର ଅବସାନ ହୁଏ ୮୯ ବର୍ଷ ବୟସରେ ୨୦୧୧ ମସିହାରେ । ଜୀବିତାବସ୍ଥାରେ ବିନୋଦିନୀ ଦେଇଥିବା ବିଭିନ୍ନ ସାକ୍ଷାତ୍କାରରେ ତାଙ୍କର ଏବଂ ରାମକିଙ୍କରଙ୍କ ପ୍ରେମକାହାଣୀ ଅକପଟ ଭାବରେ ପ୍ରକାଶ କରିଛନ୍ତି।

ଅପରପକ୍ଷରେ ବିନୋଦିନୀ ଚାଲିଯିବା ପରେ ରାମକିଙ୍କର ଯଦିଓ ଆଧୁନିକ ଭାସ୍କର୍ଯ୍ୟ କଳାର ଅନ୍ୟତମ ଅଗ୍ରପଥିକ ଭାବରେ ଖ୍ୟାତିର ଶୀର୍ଷତମ ସୋପାନରେ ପହଞ୍ଚିପାରିଥିଲେ ଏବଂ କଳା ପ୍ରତି ତାଙ୍କର ଅବଦାନ ପାଇଁ ତାଙ୍କୁ ୧୯୭୦ ମସିହାରେ 'ପଦ୍ମଭୂଷଣ' ସମ୍ମାନରେ ସମ୍ମାନିତ କରାଯାଇଥିଲା ତଥାପି ଏକ ନିଃସଙ୍ଗ ଜୀବନ ଅତିବାହିତ କରୁଥିଲେ ସେ । ନାମ, ଯଶ, ଖ୍ୟାତି, ସମ୍ମାନ, ଅର୍ଥ ପ୍ରତି ସମ୍ପୂର୍ଣ୍ଣ ଉଦାସୀନ ରାମକିଙ୍କରଙ୍କ ହୃଦୟର ଆବେଗକୁ ଅନୁଭବ କରିବା ପାଇଁ କେହି ଆଉ ନ ଥିଲେ । ଆଜୀବନ ଅବିବାହିତ ହୋଇ ନିଃସଙ୍ଗ ଜୀବନ ଜୀଇଁ ୧୯୮୦ ମସିହାରେ ଶେଷ ନିଃଶ୍ୱାସ ତ୍ୟାଗକରିଥିଲେ ଏହି ବିଖ୍ୟାତ ଶିଳ୍ପୀ ।

ଜୀବନର ଶେଷ ଦିନଗୁଡ଼ିକରେ ଅଶ୍ରୁସଜଳ ନୟନରେ ରାମକିଙ୍କର ଦେଖିପାରୁଥିଲେ ଅପସୃୟମାଣ ବିନୋଦିନୀ ଦୂର ଦେଶରେ ସନ୍ଧ୍ୟାର ଅନ୍ଧକାରରେ ମିଳେଇଯାଉଛନ୍ତି...!

ମୋ: ୯୪୩୭୫୩୪୭୭୩



ରାଜଲକ୍ଷ୍ମୀ

## ହାଃ ହାଃ

### ମାଛି

ଗୋପୀ ନୂଆ ଢାବା ଖୋଲିଥାଏ।
ଗ୍ରାହକ ଗୋପୀଙ୍କୁ: ମୋ ଚା'ରେ ମାଛି ମରିକି ଭାସୁଛି।
ଗୋପୀ: ମୁଁ କ'ଣ କରିପାରିବି ? ମୁଁ ଢାବା ସମ୍ଭାଳିବି ନା ମାଛିଙ୍କୁ ପହଁରା ଶିଖେଇବି ?

### ଛାଡ଼ପତ୍ର


ଛାଡ଼ପତ୍ର କେସ୍‌ରେ କୋର୍ଟ ସ୍ୱାମୀଙ୍କୁ ଆଦେଶ ଦେଲେ- ତୁମକୁ ତୁମର ଅଧା ଦରମା ସ୍ତ୍ରୀଙ୍କୁ ଦେବାକୁ ପଡ଼ିବ। ଏହା ଶୁଣି ସ୍ୱାମୀ ଖୁସିରେ ଉଚ୍ଛୁଳି ପଡ଼ିଲେ।
ଜଜ୍ ଆଶ୍ଚର୍ଯ୍ୟ ହୋଇ: ଅଧା ଦରମା ଚାଲିଯିବ। ତଥାପି ଖୁସି !
ସ୍ୱାମୀ: ଆଗରୁ ପୂରା ପଳଉଥିଲା। ଏବେ ଅଧା ଯିବ। ଖୁସି ହେବିନି ?

### ମେକ୍‌ଅପ୍

ରାଜେଶ: ସ୍ତ୍ରୀର ମେକ୍‌ଅପ୍‌ର ଖର୍ଚ୍ଚକୁ ମୁଁ ଆଉ ସହି ପାରୁନି।
ଗୋବିନ୍ଦ: ତା'ହେଲେ ମେକ୍‌ଅପ୍ ସାମଗ୍ରୀ କିଣିବା ବନ୍ଦ କରି ଦେଉନୁ।
ରାଜେଶ: ସେଇଟା ବି କରି ପାରିବିନି।
ଗୋବିନ୍ଦ:କାହିଁକି ?
ରାଜେଶ: କାରଣ ତା' ବିନା ମେକ୍‌ଅପ୍‌ର ଚେହେରାକୁ ମୁଁ ଦେଖିପାରିବିନି।

ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।



# ଆଧ୍ୟାତ୍ମିକ କ୍ଷେତ୍ର ବିର୍

**ଆଧ୍ୟାତ୍ମିକ କ୍ଷେତ୍ର ଭାବେ ଜଣାଶୁଣା ବିର୍ ହେଉଛି ହିମାଚଳପ୍ରଦେଶ ଅନ୍ତର୍ଗତ ଏକ ଗ୍ରାମାଞ୍ଚଳ। ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ଏଠାରେ ରହିଛି ଅନେକ ଆଧ୍ୟାତ୍ମିକସ୍ଥଳୀ, ସ୍ମୃତିସ୍ମାରକ ତଥା ସାଂସ୍କୃତିକ ଅନୁଷ୍ଠାନ...**





ହିମାଚଳପ୍ରଦେଶର ଜୋଗିନ୍ଦର ନଗର ଉପତ୍ୟାକା ନିକଟରେ ରହିଛି ଏକ ଆକର୍ଷଣୀୟ ଗ୍ରାମ ; ଯାହାର ନାଁ ହେଲା ବିର୍। ପାରମ୍ପରିକ କଳା ତଥା ସଂସ୍କୃତିର ଏକ କେନ୍ଦ୍ର ଭାବେ ଏହି ସ୍ଥାନର ବେଶ୍ ନାଁ ରହିଛି। ଖାସ୍‌କରି ଏହି ଗାଁ ନିକଟରେ ଥିବା ବିର୍ ତିବେତାନ୍ କଲୋନୀ ହେଉଛି ଏଠାକାର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ; ଯାହାର ଆକର୍ଷଣରେ ଆକର୍ଷିତ ହୋଇ ବହୁ ସଂଖ୍ୟାରେ ପର୍ଯ୍ୟଟକ ଏଠାକୁ ବୁଲିବା ପାଇଁ ଆସିଥାନ୍ତି। ମୁଖ୍ୟତଃ ଏଠାରେ ଥିବା ଏକାଧିକ ମଠ ପର୍ଯ୍ୟଟକଙ୍କର ମନ ମୋହି ନେଇଥାଏ।।

**ନିକଟବର୍ତ୍ତୀ ପର୍ଯ୍ୟଟନସ୍ଥଳୀ**

ବିର୍‌କୁ ବୁଲି ଆସୁଥିବା ପର୍ଯ୍ୟଟକ ଏଠାରେ ଅନେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀମାନ ଦେଖିବାକୁ ପାଇପାରିବେ। ଯେମିତିକି:

**ତିବେତାନ୍ କଲୋନୀ:** ବିର୍ ଗାଁ ନିକଟରେ ଏହା ଥିବାରୁ ଏହାକୁ କେହି କେହି ବିର୍ ତିବେତାନ୍ କଲୋନୀ ବୋଲି ବି ସମ୍ବୋଧନ କରିଥାନ୍ତି। ଏହି କଲୋନୀରେ ମୁଖ୍ୟତଃ ଏକାଧିକ ମଠ ଥିବାର ଦେଖିବାକୁ ମିଳେ। ମଠଗୁଡ଼ିକର ଆକର୍ଷଣ ଏତେ ମନଲୋଭା ହୋଇଥାଏ ଯେ, ଏଠାକୁ ଯିଏ ଥରେ ଆସିବ ତା'ର ମନ ଶାନ୍ତ ଓ ପବିତ୍ର ହୋଇଯିବ। ଖାସ୍ ସେଥିପାଇଁ ବ୍ୟସ୍ତବହୁଳ ଜୀବନରୁ ଟିକେ ଫୁରସତ୍ ପାଇଲେ ପର୍ଯ୍ୟଟକ ଏଠାକୁ ଶାନ୍ତି ପାଇବା ଆଶାରେ ବୁଲି ଆସିବାକୁ ପସନ୍ଦ କରିଥାନ୍ତି। କେବଳ ମଠ ନୁହେଁ, ଏଠାରେ ବୌଦ୍ଧ ଧର୍ମ ସମ୍ପର୍କିତ ଏକାଧିକ ସ୍ମୃତି ସ୍ମାରକ ଦେଖିବାକୁ ମଧ୍ୟ ମିଳିଥାଏ।

**ବିର୍‌ର ସଂସ୍କୃତି**

ବିର୍ ଗ୍ରାମର ସଂସ୍କୃତି ଖୁବ୍ ଅନନ୍ୟ। ସ୍ଥାନୀୟ ଲୋକେ ବି ବେଶ୍ ଧର୍ମପରାୟଣ। ଶିକ୍ଷା, ସଂସ୍କୃତି ହେଉ ଅବା କଳା ସବୁଥିରେ ଏଠାକାର ଅଧିବାସୀ ବେଶ୍ ପାରଙ୍ଗମ। ତେଣୁ ଏଠାକୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକ ସ୍ଥାନୀୟ ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ବୁଲି ଦେଖିବା ସହ ଏଠାକାର ଲୋକଙ୍କ ଚାଲିଚଳଣ, ଧର୍ମ, ପରମ୍ପରା ଆଦିକୁ ଅତି ନିକଟରୁ ଜାଣିବାର ସୁଯୋଗ ପାଇପାରିବେ।

**ପାରାଗ୍ଲାଇଡିଂର ମଜା ନିଆରା**

ବିର୍ ଏକ ଗ୍ରାମାଞ୍ଚଳ ହେଲେ ବି ଯେହେତୁ ଏହା ନିକଟରେ ପାହାଡମାନ ରହିଛି, ତେଣୁ ଏଠାରେ ପାରାଗ୍ଲାଇଡିଂ କରିବା ସୁବିଧା ହୋଇଥାଏ। ଖାସ୍ ସେଥିପାଇଁ ପାରାଗ୍ଲାଇଡିଂ କ୍ରୀଡ଼ାରେ ରୁଚି ରଖୁଥିବା ପର୍ଯ୍ୟଟକଙ୍କର ଏଠାରେ ବେଶ୍ ଭିଡ ଜମେ।

**କେବେ ଓ କେମିତି ଯିବେ**


ବର୍ଷର ସବୁ ସମୟରେ ଏଠାକୁ ବୁଲି ଯିବାର ସୁଯୋଗ ରହିଛି। ସେହିପରି ଏଠାକୁ ଯିବାପାଇଁ ଗମନାଗମନର ବି ଭଲ ବ୍ୟବସ୍ଥା ରହିଛି। କାଙ୍ଗରା ଏୟାରପୋର୍ଟ ଏହାର ନିକଟତମ ବିମାନବନ୍ଦର ହୋଇଥିବାବେଳେ ଆହଜୁ ରେଲୱେ ଷ୍ଟେଶନ ହେଉଛି ଏଠାକାର ନିକଟବର୍ତ୍ତୀ ରେଳଷ୍ଟେଶନ। ସେହିପରି ଏଠାକୁ ଯିବା ପାଇଁ ସଡ଼କପଥର ବି ଭଲ ସୁବିଧା ରହିଛି।

**ବିର୍‌ର ଅର୍ଥନୀତି**

ଏଠାକାର ଅର୍ଥନୀତି ମୁଖ୍ୟତଃ ପର୍ଯ୍ୟଟନ ଉପରେ ନିର୍ଭର କରିଥାଏ। ଯେହେତୁ ଏଠାରେ ମଠମାନ ରହିଛି ; ତେଣୁ ପ୍ରାୟତଃ ଧର୍ମପରାୟଣ ଲୋକଙ୍କର ଏଠାରେ ଭିଡ଼ ଜମେ। ସେହିପରି ପାରାଗ୍ଲାଇଡିଂ ପାଇଁ ଏଠାକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସୁଥିବାରୁ ସେଥିରୁ ସ୍ଥାନୀୟ ଲୋକଙ୍କର ଭଲ ରୋଜଗାର ହୋଇଯାଏ।



# ଟ୍ରି ଅଫ୍ ଲାଇଫ୍



ବାଓବାବ ବୃକ୍ଷ ପ୍ରଥମେ ମାଡାଗାସ୍କାର ଓ ଅଷ୍ଟ୍ରେଲିଆରେ ଦେଖାଯାଉଥିଲା। ଏବେ ଏହା ଏସିଆ ଓ ପୃଥିବୀର ଅନ୍ୟ କିଛି ସ୍ଥାନରେ ବି ଦେଖିବାକୁ ମିଳୁଛି। ଅନେକେ ଏହାକୁ ଓଲଟା ବୃକ୍ଷ ବି କହନ୍ତି। କାରଣ ଏହି ଗଛକୁ ଦେଖିଲେ ଲାଗେ ସତେ ଯେମିତି ଏହାର ଚେର ଉପରେ ଅଛି ଓ ଗଣ୍ଡିଟି ମାଟି ତଳେ ପୋତି ହୋଇଯାଇଛି। ଏହି ଗଛ ୧୦୦ ଫୁଟ ପର୍ଯ୍ୟନ୍ତ ଲମ୍ବା ହୋଇଥାଏ। ଏହାର ପତ୍ର ବର୍ଷକୁ ମାତ୍ର ୩ ମାସ ରହେ। ଅନ୍ୟ ଶୁଷ୍କ ଦିନରେ ପତ୍ର ଝଡିଯାଏ। ଫଳରେ ଗଛ ଶୁଷ୍କ ଓ ମରିଗଲା ଭଳି ଦେଖାଯାଏ। କିନ୍ତୁ ଏହାର ଶାଖା ପ୍ରଶାଖା ଓ ଗଣ୍ଡିରେ ଭରି ରହିଥାଏ ପ୍ରାୟ ୧, ୨୦,୦୦୦ ଲିଟର ପାଣି। ବାଓବାବ ବୃକ୍ଷ ପ୍ରାୟ ୫୦୦୦ ବର୍ଷ ପର୍ଯ୍ୟନ୍ତ ବଞ୍ଚି ରହୁଥିବା ନଜିର ରହିଛି। ହେଲେ ଆଜିକାର ପରିବର୍ତ୍ତିତ ଜଳବାୟୁରେ କିଛି ଗଛ ମରି ଯାଉଥିବା ଦେଖିବାକୁ ମିଳୁଛି।


ବାଓବାବ ଗଛର ଛାଲିରେ ୪୦% ପର୍ଯ୍ୟନ୍ତ ଆର୍ଦ୍ରତା ଥାଏ। ସେଥିପାଇଁ ଏହାକୁ ଜାଳେଣି ଭାବେ ବ୍ୟବହାର କରାଯାଏ ନାହିଁ। କିନ୍ତୁ ଏହାର ଶାଖା ଓ ଛାଲିଗୁଡ଼ିକରେ ଫାଇବର୍ ଥିବାରୁ ସେଥିରୁ କାଗଜ, କପଡ଼ା, ଦଉଡ଼ି, ମାଛ ଧରିବା ଜାଲ, ବାସ୍କେଟ, କମ୍ବଳ ଆଦି ତିଆରି କରାଯାଏ। ଏହି ଗଛ ୨୦ ବର୍ଷ ବୟସର ହେଲେ ଏପ୍ରିଲରୁ ମେ ମାସ ଭିତରେ ଧଳାରଙ୍ଗର ଫୁଲ ଫୁଟେ, ଯାହାର ଲମ୍ବ ୧୨ ସେ.ମି. ହୋଇଥାଏ। ଫୁଲର ପରାଗ ରେଣୁରୁ ଅଠା ତିଆରି ହୁଏ। ଏହାର ଫଳ କାକୁଡ଼ି ଭଳି ହୋଇଥାଏ, ଯାହାର ଲମ୍ବ ୧ ଫୁଟ ପର୍ଯ୍ୟନ୍ତ ହୁଏ। ଏହି ଫଳରୁ ବିଭିନ୍ନ ପ୍ରକାରର ଔଷଧ ତିଆରି କରାଯାଏ। ଏହାକୁ ଖାଦ୍ୟଭାବେ ବି ବ୍ୟବହାର କରାଯାଏ। କଞ୍ଚାରେ ଖିଆଯିବା ସହ ଏହାକୁ ଶୁଖାଇ ଚୂର୍ଣ୍ଣ କରି ପାଣିରେ ମିଶାଇ ପିଇଲେ ଲେମ୍ବୁ ପାଣି ପରି ଲାଗେ। ଏଥିରୁ ଜାମ୍ ବି ପ୍ରସ୍ତୁତ କରାଯାଏ। ଏଥିରେ ୩୦୦୦୦ ବିଜ ଥାଏ, ଯେଉଁଥିରୁ ଔଷଧ, ଅଠା, ତେଲ, ସାବୁନ ଆଦି ତିଆରି କରାଯାଏ। କ୍ୟାଲସିୟମରେ ଭରପୂର ଏହି ଗଛର ପତ୍ରକୁ ସିଝାଇ ଖିଆଯାଏ। ଏହି ଗଛ ବର୍ଷାଦିନେ ବହୁ ମାତ୍ରାରେ ଜଳ ଅବଶୋଷିତ କରି ନିଜ ଗଣ୍ଡିରେ ରଖିପାରେ। ଯାହାଦ୍ୱାରା ଶୁଷ୍କ ଖରାଦିନେ ଏହି ଗଛରେ ଫଳ ହୋଇପାରେ। ଖରାଦିନେ ପାଣି ଅଭାବ ବେଳେ ହାତୀମାନେ ଏହି ଗଛର ଛାଲି ଖାଇ ତୃଷା ମେଣ୍ଟାନ୍ତି।

**ୱାଟର ଟ୍ୟାଙ୍କ:** କିଛି ବୟସ୍କ ଗଛ ଅର୍ଥାତ୍ ୨୦୦ରୁ ୩୦୦ ବର୍ଷ ପୁରୁଣା ଗଛର ଗଣ୍ଡିଭାଗରେ କଣା କରି ଏଠାକାର ଅଧିବାସୀ ପାଣି ଜମା କରି ରଖନ୍ତି। ହଜାର ହଜାର ଲିଟର ପାଣି ଏହା ଭିତରେ ରହିପାରେ, ଯାହାକୁ ସେମାନେ ଆବଶ୍ୟକ ସମୟରେ ପାନୀୟ ଜଳଭାବେ ବ୍ୟବହାର କରିପାରନ୍ତି।

**ବାସଗୃହ:** ଏହି ବୃକ୍ଷ କେବଳ ଯେ ଅନେକ ପକ୍ଷୀ, ମାଙ୍କଡ ଭଳି ପ୍ରାଣୀଙ୍କୁ ବାସସ୍ଥଳୀ ଯୋଗାଇଛି ତାହା ନୁହେଁ ଏହା ମଣିଷର ବାସସ୍ଥଳୀ ବି ହୋଇପାରିଛି। ଆଫ୍ରିକାରେ ଅନେକ ଅଧିବାସୀ ବୟସ୍କ ଗଛର ଗଣ୍ଡିକୁ କାଟି ତା' ଭିତରେ ଘର କରି ରୁହନ୍ତି। ଗଛରେ ଯଦି ବଡ଼ କୋରଡ ଥାଏ ତା' ଭିତରେ ବି ଲୋକ ରୁହନ୍ତି। କହିବାକୁ ଗଲେ ଆଫ୍ରିକାର ଶୁଷ୍କ ସାଭାନା ଅଞ୍ଚଳ ପାଇଁ ଏହି ବୃକ୍ଷ ବରଦାନ ସ୍ୱରୂପ। ତେଣୁ ଏହାକୁ ଟ୍ରି ଅଫ୍ ଲାଇଫ ବି କୁହାଯାଏ।

**ବାଓବାବ ଏକ ବହୁତ ଉଚ୍ଚା ବୃକ୍ଷ, ଯାହା ଦେଖିବାକୁ ବେଶ୍ ଅଜବ। ଲାଗେ ସତେ ଯେମିତି ଗଛଟି ଓଲଟା ଅଛି। ଏହି ବୃକ୍ଷ କିନ୍ତୁ ଆଫ୍ରିକାର ଅଧିବାସୀଙ୍କୁ ଯୋଗାଏ ଖାଦ୍ୟ, ପାନୀୟ ଓ ବାସଗୃହ। ସେଥିପାଇଁ ତ ଏହାକୁ 'ଟ୍ରି ଅଫ୍ ଲାଇଫ୍' ବୋଲି କୁହାଯାଏ...**







# ବିପଜ୍ଜନକ ଷ୍ଟଣ୍ଟ



© GO Visuals / CATERS NEWS

ରେକର୍ଡ ନିଶାରେ ଲୋକେ ବିପଜ୍ଜନକ ଷ୍ଟଣ୍ଟ କରିବାକୁ ପଛାଉ ନାହାନ୍ତି। ଏଇ ଯେମିତି ବ୍ରାଜିଲର ୩୪ ବର୍ଷୀୟ ରାଫେଲ ଜୁଗ୍‌ନୁ ବ୍ରିଡି। ସେ ଭୂମିଠାରୁ ୬,୧୩୧ ଫୁଟ ବା ୧୮୬୮ ମିଟର ଉଚ୍ଚତାରେ୍ଛି ବ୍ୟବଧାନରେ ଥିବା ଦୁଇଟି ହଟ୍ ଏୟାର ବେଲୁନ୍ ମଝିରେ ବନ୍ଧା ଯାଇଥିବା ଦଉଡି ଉପରେ ଖାଲି ପାଦରେ ଚାଲି ରେକର୍ଡ କରିଛନ୍ତି। ରାଫେଲ କୁହନ୍ତି,'ମତେ ଚ୍ୟାଲେଞ୍ଜ ନେବା ଓ ଦୁଃସାହସିକ କାମ କରିବାରେ ଖୁସି ମିଳେ। ମୁଁ ଏତେ ଉଚ୍ଚତାରେ ସାମାନ୍ୟ କେଇ ଇଞ୍ଚର ଦଉଡି ଉପରେ ଚାଲିଲାବେଳେ କେମିତି ଅନୁଭବ ହୁଏ ଜାଣିବାକୁ ଚାହୁଁଥିଲି। ତେଣୁ ଏହି ଷ୍ଟଣ୍ଟ କଲି। ଏଥିରେ ସତର୍କ ଓ ସାବଧାନ ରହିବାର ଆବଶ୍ୟକତା ବହୁତ ଥିଲା। କାରଣ ଟିକେ ଅସାବଧାନତା ଜୀବନ ପ୍ରତି ବିପଦ ଆଣିପାରେ। ତେଣୁ ମୁଁ ମୋର ଟିମ୍‌ର ସାହାଯ୍ୟ ନେଇଥିଲି। ଆଉ ସୁରକ୍ଷା ପ୍ରତି ଧ୍ୟାନ ଦେଇଥିଲି। ତଥାପି ଏତେ ଉଚ୍ଚତାରେ ଦଉଡି ଉପରେ ଚାଲିବା ଆଦୌ ଛୋଟ କଥା ନୁହେଁ। ତେଣୁ ମୋ ଟିମ୍‌ର ସଦସ୍ୟମାନେ ପ୍ରଥମେ ନର୍ଭସ ଥିଲେ। ହେଲେ ସଫଳତାର ସହ ଷ୍ଟଣ୍ଟ କରିବା ପରେ ସେମାନେ ଏବେ ମତେ ନେଇ ଗର୍ବ ଅନୁଭବ କରୁଛନ୍ତି।'



## କଥା ଚାଟ୍


ଓଁ ଅଭିଜ୍ଞାନ ସାହୁ

# ତୋ' ପାଇଁ ମର୍ତ୍ତ୍ୟପୁରୀ ମନା

**ଗ**ଣେଶ ପୂଜାରୁ ଆମର ପାର୍ବଣ ଋତୁ ଆରମ୍ଭ ହୋଇଯାଏ । ଝିଅ ବାପଘରେ ଚାରି ପାଞ୍ଚ ଦିନ ଖୁସିବାସି କରି ଶାଶୁଘରକୁ ଫେରିଲାଭଳି ଏହି ସମୟରେ ପ୍ରଭୁ ପାର୍ବଣର ମଜାନେଇ ପୁଣି ସ୍ୱର୍ଗକୁ ଫେରିଯାନ୍ତି । ତା'ପରେ ଆଉ ଜଣେ ପ୍ରଭୁ ଆସନ୍ତି, ସେ ଗଲା ପରେ ପୁଣି ଆଉ ଜଣେ ଆସନ୍ତି । ଏମିତି ଜଣକ ପରେ ଜଣେ ମର୍ତ୍ତ୍ୟରେ କିଛିଦିନ ଭକ୍ତଙ୍କ ଗ୍ରହଣରେ କାଟି ଫେରିଯାଆନ୍ତି । କିଛି ବର୍ଷ ହେଲା ଦେବତାମାନେ ଆଉ ମର୍ତ୍ତ୍ୟକୁ ଆସିବାକୁ ନାରାଜ । ଭକ୍ତଙ୍କ ଆତୁର ଆବେଦନ ପ୍ରଭୁଙ୍କ ମାନଭଞ୍ଜନ କରିପାରୁନି । ମର୍ତ୍ତ୍ୟରେ ପାର୍ବଣ ପବନ ବହିଲା ବେଳକୁ ସ୍ୱର୍ଗରେ ଦେବତାଙ୍କ ଦେହ ଶୀତେଇ ଯାଉଛି । ମର୍ତ୍ତ୍ୟରେ ଭକ୍ତି ନାଁରେ ଯେଉଁ ଭାଣ୍ଡାମି ଚାଲିଛି କେଉଁ ଦେବତା ତାକୁ ଦେଖିପାରିବେ !

ଭକ୍ତଙ୍କ ଭକ୍ତି ଯେତେଯେତେ ବଢୁଛି ପ୍ରଭୁଙ୍କ ଚିନ୍ତା ସେତେ ବଢୁଛି । ଅନ୍ଧକୁ ସବୁ କଳା ଦେଖାଗଲା ଭଳି ଅନ୍ଧଭକ୍ତମାନଙ୍କୁ ନିଜ ଇଷ୍ଟଙ୍କୁ ଛାଡ଼ି ବାକି ସବୁ ଦେବଦେବୀ ସାବତ ମାଆ ଭଳି ଲାଗନ୍ତି । ନିଜ ଗାଁ ଗଣେଶ ଓ ପଡ଼ିଶା ଗାଁ ଗଣେଶ ଅଲଗା ଦିଶନ୍ତି । ଏପଟ ଗାଁ ଓ ପଡ଼ିଶା ଗାଁରେ ପୂଜା ପାଉଥିବା ପ୍ରଭୁ ଏକ, ସେ ଭ୍ରମ ଧାରଣା କେବେଠୁ ବଦଳି ଗଲାଣି । ଅଲଗା ଦେଶ କି ଅଲଗା ଗାଁ କଥା ଛାଡ଼ ଗୋଟିଏ ଗାଁରେ ପୂଜା ପାଉଥିବା ପ୍ରଭୁ ଏବେ ଏକା ନୁହନ୍ତି । ଗୋଟିଏ ଗାଁର ଏପଟ ସାହିରୁ ସେପଟ ସାହିକୁ ଯିବା ମନା । ବାଜା ରୋଶଣି ନେଇ ଯାଉଥିବା ପ୍ରଭୁଙ୍କ ବିଦାୟ ଯାତ୍ରା ପଟୁଆର ଆର ସାହି ସୀମା ଛୁଇଁଗଲେ ସେପଟୁ ଟେକା ପଥର ମାଡ଼ରେ ପ୍ରଭୁ ଖଣ୍ଡିଆ ଖାବରା । ଭକତିଆଙ୍କ ଉତ୍ପାତରେ ଖୋଦ୍ ପ୍ରଭୁ ବାଦ ପଡୁନାହାନ୍ତି । ମଦ ପିଇ ଝଗଡ଼ା କରିବେ ଭକ୍ତ, ହାତ କି ଶୁଣ୍ଢ ଭାଙ୍ଗିବ ପ୍ରଭୁଙ୍କର । ବିନା ଜୀବନ ବୀମାରେ ମର୍ତ୍ତ୍ୟପୁରୀକୁ ଆସିବା ସୁରକ୍ଷିତ ନୁହେଁ, ଏ ସତ୍ୟକୁ ପ୍ରଭୁ ବୁଝିସାରିଲେଣି ।

ତେଣୁ ଏଥର ସବୁ ଦେବତାମାନେ ନିଷ୍ପତ୍ତି ନେଲେ ଭକ୍ତଙ୍କ ଡାକରାରେ ସେମାନେ ଆଉ ମର୍ତ୍ତ୍ୟକୁ ଯିବେନାହିଁ । ଏଥିପାଇଁ ଏକ ଜରୁରିକାଳୀନ ସଭା ଇନ୍ଦ୍ରଙ୍କ ସଭାପତିତ୍ୱରେ ଆହୂତ ହେଲା । ସଭାରେ ସମସ୍ତ ଦେବଦେବୀଙ୍କ ନିଜ ନିଜ ଅସହମତି ବିଷୟରେ ଜଣେଇଲେ । ସମସ୍ତଙ୍କଠାରୁ ନାସ୍ତି ବାଣୀ ଶୁଣିବା ପରେ ଦେବରାଜ ଗଣେଶଙ୍କୁ ପଚାରିଲେ– ''ପ୍ରଭୁ ମର୍ତ୍ତ୍ୟରେ ସବୁ ପୂଜା ଆପଣଙ୍କଠାରୁ ଆରମ୍ଭ । ସବୁ ଦେବୀଦେବଙ୍କ ଅପେକ୍ଷା ଆପଣଙ୍କ ଡିମାଣ୍ଡ ସବୁଠୁ ଅଧିକ । ଦେବଭୂମିର ଯୁବକମାନଙ୍କ ଭିତରେ ଆପଣ ସବୁଠୁ ପ୍ରିୟ । ଅନେକ ବେକାର ଯୁବକଙ୍କ ବାର୍ଷିକ ଖର୍ଚ୍ଚ ଆପଣଙ୍କ ନାଁରେ ଆଦାୟ ହେଉଥିବା ପୂଜା ଚାନ୍ଦାରୁ ଉଠିଯାଏ । କେହି ନ ଗଲେ ନାହିଁ ଅନ୍ତତଃ ଆପଣ ଯାଆନ୍ତୁ । ଆପଣ ତ୍ରିକାଳଦର୍ଶୀ । ଆମ ଅବସ୍ଥା ଆପଣଙ୍କୁ ବେଶ୍ ଜଣା । ତେତିଶ କୋଟି ଦେବଦେବୀଙ୍କ ଭିତରୁ ଏବେ ନାମକୁ ମାତ୍ର ଆଙ୍ଗୁଠି ଗଣତି ପୂଜା ପାଉଛନ୍ତି । ସରକାରୀ ଜମିରୁ ଉଚ୍ଛେଦ ନାଁରେ ଅଧାରୁ ଅଧିକ ମନ୍ଦିର ଭଙ୍ଗା ସରିଲାଣି । ଆଉ ଯାହା ମନ୍ଦିର ଅଛି ସେଥିରେ ଦର୍ଶନ ନାଁରେ ଯେତିକି ନିୟମକାନୁନ୍ ଲାଗିଲାଣି ସେଥିରେ ଭକ୍ତ ଆଉ କଷ୍ଟ ସହିବା ମୁଡ୍‌ରେ ନାହାନ୍ତି । ଫାଷ୍ଟ ଫୁଡ୍ ଜମାନାରେ ଠାକୁର ଦର୍ଶନ ପାଇଁ ଭକ୍ତ ଦୁଇ ତିନିଘଣ୍ଟା ସମୟ ନଷ୍ଟ କରିବାକୁ ଚାହୁଁନାହାନ୍ତି । ମର୍ତ୍ତ୍ୟରେ ଏବେ ନୂଆ ନୂଆ ଦେବୀମାନଙ୍କ ଯେତିକି ଆଦର ଆମ ପୁରୁଖା ଦେବୀମାନଙ୍କ ସେତିକି ନାହିଁ । ଶୁକ୍ରବାର ସନ୍ତୋଷୀ ମା' ମନ୍ଦିରରେ ଯେତିକି ଭିଡ଼ ଆମ ପୁରୁଖା ଦେବୀ ଲକ୍ଷ୍ମୀଙ୍କ ମନ୍ଦିରରେ ସେତିକି ନାହିଁ । ଉପରେ ପୁଣି ଏବେ ସ୍ୱୟଂଭୁ ବାବାମାନଙ୍କ ପ୍ରବଳ ଆବିର୍ଭାବରେ ଆମ ଅବସ୍ଥା ଆହୁରି ଖରାପ । ଆମ ମନ୍ଦିର ଅପେକ୍ଷା ବାବାମାନଙ୍କ ଆଶ୍ରମରେ ଅଧିକ ଭକ୍ତ । ମନ୍ଦିରରେ ଆମ ମୂର୍ତ୍ତି ସାମ୍ନାରେ ଏବେ ତାଙ୍କ ମୂର୍ତ୍ତି ରଖାଗଲାଣି । ଯେଉଁ ମନ୍ଦିରରେ ଦିନେ ଆମେ ମୁଖ୍ୟ ଦେବତା ଭାବରେ ପୂଜା ପାଉଥିଲୁ ଏବେ ସେଠି ଆମେ କେବଳ ପାର୍ଶ୍ୱ ଦେବତା । ସବୁ ସହି ପାଟି ବନ୍ଦ ରଖିଛୁ ବୋଲି ଜାଣ, ଭୋଗ ଟିକେ ପାଉଛୁ ନଚେତ ସେତକ ବି କେବେଠୁ ବନ୍ଦ ହୋଇସାରନ୍ତାଣି । ଏପରି ଘଡ଼ି ସନ୍ଧି ମୁହୂର୍ତ୍ତରେ ଯଦି ଆମେ ଭକ୍ତଙ୍କ



ପାଖକୁ ନ ଯିବା ତେବେ ଭକ୍ତମାନେ ଆସ୍ତେ ଆସ୍ତେ ଆମକୁ ଭୁଲିଯିବେ । ଭକ୍ତ ଅଛନ୍ତି ତେଣୁ ଆମେ ଅଛୁ । ଯୁଗେ ଯୁଗେ ଆମେ ଭକ୍ତର ଭଗବାନ ଥିଲୁ । ଯୁଗ ବଦଳିଲାଣି ଏବେ ଭକ୍ତ ହିଁ ଭଗବାନ । ତାଙ୍କୁ ଅସନ୍ତୁଷ୍ଟ କରି ଆମେ ନିଜ ଗୋଡ଼ରେ ନିଜେ କୁରାଢ଼ି ମାରିବା ଠିକ୍ ନୁହେଁ । ବିଲୁପ୍ତ ହେବା ପୂର୍ବରୁ ଆମମାନଙ୍କୁ ଭକ୍ତଙ୍କ ମନ ନେଇ କାମ କରିବା ଉଚିତ । ତେଣୁ ମୋର ସମସ୍ତ ଦେବଦେବୀଙ୍କୁ ଅନୁରୋଧ ଆଉ ଅଭିମାନ ନ କରି ଭକ୍ତଙ୍କ ନିମନ୍ତ୍ରଣକୁ ନିର୍ଦ୍ଦେଶ ମାନି ମର୍ତ୍ତ୍ୟକୁ ଯାଆନ୍ତୁ । ପାର୍ବଣ ପର୍ବ ଆରମ୍ଭ ହେଲାଣି । ପଛକୁ ପଛ ସମସ୍ତଙ୍କୁ ଡାକରା ଆସିବ । ଯିବା ପାଇଁ ପ୍ରସ୍ତୁତ ହୁଅନ୍ତୁ ।''


ଏତେ ସମୟ ଧରି ଗଣେଶ ଗୁମ୍ ମାରି ସବୁ ଶୁଣୁଥାନ୍ତି । ଅଜାଗା ଘାଆ ଦେଖେଇ ହୁଏନି କି ସହି ହୁଏନି । ବଡ଼ କଷ୍ଟରେ ନିଜ କୋହକୁ ସମ୍ଭାଳି ଆରମ୍ଭ କଲେ ଶୁଣନ୍ତୁ ଦେବରାଜ– ''ମର୍ତ୍ତ୍ୟରେ ମୋର ସମ୍ମାନ ଯାହା ତାହା କୌଣସି ଶତ୍ରୁକୁ ନ ମିଳୁ । କେଉଁ ଗୋଟେ ବାସ୍ତୁ ପଣ୍ଡିତ ଥରେ କହିଦେଲା ମୋତେ ଦେଖିଲେ କାଳେ ବଡ଼ ବଡ଼ କୁଶକ୍ତି ଡରରେ ସେ ଏରିଆ ମାଡ଼ନ୍ତି ନାହିଁ । ତା'ପରଠୁ ଭକ୍ତ ମୋତେ ସେମାନଙ୍କ ଘର ମୁଖ୍ୟ ଦୁଆର ଜଗେଇ ଭିତରେ ଆରାମ କରୁଛନ୍ତି । ମୁଁ ବାହାରେ ସେମିତି ଖରା ବର୍ଷା କାକରରେ ରହି କୁଶକ୍ତିମାନଙ୍କୁ ଜଗିଛି । ଭକ୍ତ କୁଶକ୍ତିମାନଙ୍କ ବିଷୟରେ ଯେତିକି ଚିନ୍ତିତ ମୋ ପାଇଁ ସେଥିରୁ ଅଣାଏ ବି ନାହିଁ । ଆପଣ କହୁଛନ୍ତି ପୂଜାକୁ ଯିବା ପାଇଁ । କ'ଣ ପାଇଁ ଯିବି, କେଉଁ ବେଶରେ ଯିବି ଆଗ କୁହନ୍ତୁ । କେଉଁଠି ମୋତେ ଜିନ ପ୍ୟାଣ୍ଟ ପିନ୍ଧେଇ ମୋଟର ସାଇକେଲରେ ବସେଇ ସାରିଲେଣି । କେଉଁଠି ଦିଆସିଲି କାଠି ତ କେଉଁଠି ୱେଷ୍ଟ ଟୁ ବେଷ୍ଟ ଆଳରେ ଅଳିଆଖାତରୁ ଜିନିଷ ଆଣି ମୋ ମୂର୍ତ୍ତି ତିଆରି କଲେଣି । ଦେହରେ ଏମିତି କି ବିଷାକ୍ତ ରଙ୍ଗ ବୋଳୁଛନ୍ତି କେଜାଣି ଗତବର୍ଷ ପୂଜାଠୁ ଦେହ କୁଣ୍ଡେଇ ହେଉଛି ଯେ, ଏ ଯାଏ ସେ ଗଲୁ ଯାଇନି । ପୋଡ଼ା ମୋବିଲ ଘିଅ ଓ ଅପମିଶ୍ରିତ ଭୋଗ ଖାଇ ପେଟ ରୋଗ ବାହାରିଲାଣି । ଗ୍ୟାସ ହୋଇ ପେଟ ଟୁଆଁ ଭଳି ଫୁଲିଛି । ଭକ୍ତ ଭାବୁଛନ୍ତି ମୋର କାଳେ ଅନ୍ତଲ ପେଟ । ଦିନରାତି କାନ ପାଖରେ ଡିଜେ ଘାଉଁ ଘାଉଁ କରୁଛି । ଟିକେ ଆରାମ କରିବା ଦୂରର କଥା ଛାତି ଫାଟି ହୃଦ୍‌ଘାତ ହେଲାଭଳି ଅବସ୍ଥା ଉପୁଜୁଛି । ଆପଣ ମୋ ସାଙ୍ଗରେ ଥରେ ମର୍ତ୍ତ୍ୟକୁ ଆସନ୍ତୁ । ମୋ ଦୟନୀୟ ଅବସ୍ଥା ଦେଖିଲେ ଜୀବନରେ ଆଉ କେବେ ମର୍ତ୍ତ୍ୟକୁ ଯିବା କଥା କହିବେନି । ମୁଁ କାଳେ ବିଘ୍ନ ବିନାଶକ । ମର୍ତ୍ତ୍ୟରେ ପ୍ରକୃତ ବିଘ୍ନ ବିନାଶକ ହେଲା ଲାଞ୍ଚ । ଯେଉଁ ବିଘ୍ନକୁ ମୁଁ ଟାଳି ପାରିବିନି ଲାଞ୍ଚ ତାକୁ ସହଜରେ ଟଳେଇ ଦେଉଛି । ମୋତେ ବୁଦ୍ଧିଦାୟକ କହି ତୁଚ୍ଛାଟାରେ ଲଜ୍ଜିତ କରୁଛନ୍ତି । ଦିନରେ ଲୋକଙ୍କୁ ଲଣ୍ଠନ ଦେଖେଇ ଚତୁରଭାବେ ଠକି ପାରୁଥିବା ଭକ୍ତର ବୁଦ୍ଧି ଆଗରେ ମୋ ବୁଦ୍ଧି ବଣା ହୋଇଯାଉଛି । ମୋଠାରୁ କାହିଁ କେତେ ଗୁଣ ଅଧିକା ବିଚକ୍ଷଣ ବୁଦ୍ଧିଆ ମର୍ତ୍ତ୍ୟରେ ମାଳ ମାଳ । ଚତୁର ଓ ସୂକ୍ଷ୍ମ ବୁଦ୍ଧିରେ ବଳିୟାନ ଭକ୍ତଙ୍କୁ ବୁଦ୍ଧି ଦେବା ମୋ ସାମର୍ଥ୍ୟ ବାହାରେ । ମୁଁ ହେଲେ ଯାହା ଯାଆନ୍ତି ହେଲେ ମୋ ପ୍ରିୟ ବାହନ ମୂଷିକ ଯିବା ପାଇଁ ଆଦୌ ରାଜି ନୁହେଁ । ସେ ମୋତେ ରୋକଠୋକ କହିସାରିଲାଣି, ଆପଣ ଆଉ କାହାକୁ ପଛେ ବାହନ କରନ୍ତୁ କିନ୍ତୁ ମୁଁ ମର୍ତ୍ତ୍ୟକୁ ଯିବିନି । ପୂଜାରେ ତା' ଅବସ୍ଥା ଥାଇ ନ ଥିଲା ପରି । ଭାରି ବେଜତିଆ ଭାବେ ମୋ ପାଦ ପାଖରେ ପଡ଼ିଥାଏ । କେହି ଟିକେ ବାସି ତୋରାଣିରେ ତାକୁ ପଚାରନ୍ତି ନାହିଁ । ମୋ ପୂଜା ବାହାନାରେ ଭକ୍ତଙ୍କ ଜୋର ଜବରଦସ୍ତ ଚାନ୍ଦା ଆଦାୟ, ଲଙ୍ଗଳା ନାଚ, ମଦ ଝଗଡା ଭଳି ଯେତେସବୁ ଯାବତୀୟ ବିଶୃଙ୍ଖଳା ତାକୁ ନ କହିବା ଭଲ । ସେ ସବୁ ପୁଣି ମୋରି ସାମ୍ନାରେ । ଅସହାୟ ଭାବେ ବସି ସବୁ ଦେଖିବା ଛଡ଼ା ମୋର ଆଉ କିଛି ଉପାୟ ନାହିଁ । ଭଦ୍ରଲୋକି ଦେଖେଇଲେ ନିଜେ ମାଡ଼ ଖାଇବା କଥା । ଆପଣା ମହତ ଟିକକ ବଞ୍ଚେଇ ଖାଲି ଅପେକ୍ଷା କରିଥାଏ କେମିତି ଶୀଘ୍ର ଏଠୁ ମୁକ୍ତି ପାଇବି । ତାହା ବି କେଉଁ ସମ୍ଭବ ହୁଏ ! ଭସାଣି ନ ହେଲାଯାଏ ସେମିତି ବସିଥିବି । କେହି କେହି ମାସେ ଯାଏ ମୋତେ ପେଣ୍ଡାଲରେ ବସେଇ ମୋ ସାମନାରେ ଯେତେକ ଝାଁବଡ଼ ଗମାତ କରୁଥିବେ ମୁଁ ଆଖି କାନ ଖୋଲା ରଖି ପାଟି ଚିପି ସହୁଥିବି । ରାତିରେ ବୁଲା କୁକୁର ଡରରେ କୋଉ ଲୁଚିକି ପଳେଇ ଯାଇ ହୁଏ ! ହାତଯୋଡ଼ି ଆପଣଙ୍କୁ ଅନୁରୋଧ କରୁଛି ମୋତେ ମର୍ତ୍ତ୍ୟକୁ ଯିବାପାଇଁ କୁହନ୍ତୁ ନାହିଁ । ମୋ ପୂଜା ପଛେ ବନ୍ଦ ହେଉ କିନ୍ତୁ ଏ ସବୁ ଅପସଂସ୍କୃତିକୁ ଆଉ ଦେଖି ପାରିବି ନାହିଁ । ମୋ ଅସହାୟତା ପାଇଁ ନିଜେ ନିଜକୁ କ୍ଷମା କରିପାରୁନି । ମୋତେ ଆଉ ଅଧିକ ପାପ ମୁଣ୍ଡେଇବା ପାଇଁ ବାଧ କରନ୍ତୁ ନାହିଁ । ମର୍ତ୍ତ୍ୟପୁରୀକୁ ମୋର ଦୂରୁ ଜୁହାର ।

–ବନମାଳୀ ଭବନ, ଖାନ୍ ନଗର, କଟକ
ମୋ:୯୪୩୭୦୧୦୭୫୮

## ପୁସ୍ତକ ସମୀକ୍ଷା

### ରାଷ୍ଟ୍ରନାୟକ ମଧୁସୂଦନ ଦାସ

**ସମ୍ପାଦନା– ଡକ୍ଟର ବାୟାମନୁ ଚର୍ଚ୍ଚି, ପ୍ରକାଶକ–ଉତ୍କଳ ସମ୍ମିଳନୀ ଏମ୍‌ବି– ୪୭, ବରଗଡ ବ୍ରିଟ୍ କଲୋନୀ, ଭୁବନେଶ୍ୱର –୧୮, ମୂଲ୍ୟ– ୨୫୦ଟଙ୍କା**





**ସ**ଂକଳନରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଉପରେ ୨୮ଟି ଉଚ୍ଚକୋଟିର ପ୍ରବନ୍ଧ ପ୍ରକାଶିତ ହୋଇଛି । ଏଥିରେ ମାୟାଧର ମାନସିଂହ, ପରମାନନ୍ଦ ଆଚାର୍ଯ୍ୟ, ପ୍ରହ୍ଲାଦ କୁମାର ସିଂହ, ସୋମା ଚାନ୍ଦ, ବାସନ୍ତୀ ମହାନ୍ତି, ବିଜୟ ନାୟକ, ବାୟାମନୁ ଚର୍ଚ୍ଚି ଓ ଅଦ୍ୱୈତ କୁମାର ପାତ୍ର ଆଦିଙ୍କର ପ୍ରବନ୍ଧ ସ୍ଥାନିତ ହୋଇଛି । ମଧୁସୂଦନ ଦାସ ପ୍ରକୃତରେ ଓଡ଼ିଆ ଜାତିର ଗର୍ବ ଓ ଗୌରବ ଥିଲେ । ଓଡ଼ିଆ ନବଚେତନା ଓ ନବଜାଗରଣର ଉନ୍ମେଷ ପୁରୁଷ ସେ । କହିବାକୁ ଗଲେ ରାଷ୍ଟ୍ରନାୟକ ମଧୁସୂଦନ ଦାସ ଏକ ପ୍ରମାଣିକ ସମ୍ପାଦିତ ଗ୍ରନ୍ଥ । ଉତ୍ତର ପିଢି ବିଶେଷତଃ ଯୁବଗୋଷ୍ଠୀ ଏହି ପୁସ୍ତକ ମାଧମରେ ମଧୁସୂଦନଙ୍କୁ ଜାଣିବେ ଓ ବୁଝିବେ । ଏଥିରେ ମଧୁସୂଦନଙ୍କ ଜୀବନ ଚର୍ଯ୍ୟା ସହ ତାଙ୍କ କାର୍ଯ୍ୟଧାରାକୁ ଉପସ୍ଥାପନ କରାଯିବା ସହ ତାଙ୍କ ସମ୍ପର୍କରେ ଯେଉଁ ସବୁ ତଥ୍ୟ ଉପସ୍ଥାପିତ କରାଯାଇଛି ତାହା ଅତ୍ୟନ୍ତ ଉପଯୋଗୀ ଓ ପଠନଯୋଗ୍ୟ । ତେଣୁ ପୁସ୍ତକଟି ପାଠକ ମହଲରେ ଆଦୃତ ହେବ ବୋଲି ଆଶା ।

### ଲୋକକଥାରେ ଶ୍ରୀଜଗନ୍ନାଥ ଭକ୍ତ

(ପ୍ରଥମ ଭାଗ)

**ଲେଖକ–ମାଣିଆବନ୍ଧ ସ୍ୱପ୍ନେଶ୍ୱର ଗୋଛି, ପ୍ରକାଶକ–କାବ୍ୟଲୋକ, ଗ୍ୟାରେଜଛକ, ଭୁବନେଶ୍ୱର–୨, ମୂଲ୍ୟ–୨୫୦ଟଙ୍କା**

**ପୁ**ସ୍ତକରେ ଭକ୍ତକବି ସାଲବେଗ, ଆଦିକବି ସାରଳା ଦାସ, ମହାପୁରୁଷ ଅଚ୍ୟୁତାନନ୍ଦ, ଲୋକକଥାରେ ଶ୍ରୀଜଗନ୍ନାଥ ଭକ୍ତ, ବଳରାମ ଦାସ, ଜଗନ୍ନାଥ ଦାସ, ଯଶୋବନ୍ତ ଦାସ, ଶିଶୁ ଅନନ୍ତ ଦାସ, ଶ୍ରୀ ଚୈତନ୍ୟ ମହାପ୍ରଭୁ, ନାମାଚାର୍ଯ୍ୟ ହରିଦାସ ଠାକୁର, ଦାସିଆ ବାଉରୀ, ସନ୍ଥ କବୀର, ସନ୍ଥ ତୁଳସୀ, ଗୁରୁ ନାନକ, ସନ୍ଥ ଅରକ୍ଷିତ ଦାସ, ହାଡି ଦାସ, ଭକ୍ତ ସାଲବେଗ ଓ ଦୀନକୃଷ୍ଣ ଦାସ ପ୍ରମୁଖଙ୍କ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରାଯାଇଛି । ପୁସ୍ତକର ପ୍ରଥମ ଭାଗ ପ୍ରଭୁ ଗଜନ୍ନାଥଙ୍କ କୃପା ଓ କରୁଣାର ଫଳଶ୍ରୁତି ଅଟେ । ଯେଉଁ ଭକ୍ତଗଣ ପ୍ରଭୁଙ୍କ ସଂସର୍ଗ ଲାଭ କରି ତଥା ପ୍ରଭୁଙ୍କ ମହିମା ଗାନ କରି ଅମରତ୍ୱ ଲାଭ କରିଛନ୍ତି ପୁସ୍ତକରେ ମୁଖ୍ୟତଃ ତାହାହିଁ ବର୍ଣ୍ଣିତ । ସେହିପରି ଜଗନ୍ନାଥ ଦାସଙ୍କ ଅତିବଡୀ ଉପାଧି ପ୍ରସଙ୍ଗ ସୁନ୍ଦର ଭାବେ ଉପସ୍ଥାପିତ ହୋଇଛି । ଆଶା ପୁସ୍ତକଟି ପାଠକାଦୃତି ଲାଭ କରିବ ।



# ଏକାକୀ ସବୁ ଦେଶ ଭ୍ରମଣ



ବେଳେବେଳେ ଇଚ୍ଛାହୁଏ କିଛି ଦିନ କାମରୁ ବିରତି ନେଇ ସାରା ପୃଥିବୀ ଭ୍ରମଣ କରିବାକୁ। ହେଲେ ନା ମିଳେ ଛୁଟି ନା ପାଖରେ ଥାଏ ବୁଲିବା ପାଇଁ ଆବଶ୍ୟକୀୟ ଅର୍ଥ। ତେଣୁ ସେ ସ୍ୱପ୍ନ କେବଳ ସ୍ୱପ୍ନ ହୋଇ ରହିଯାଏ। ତେବେ କାସାଣ୍ଡ୍ରା ଡି ପିକୋଲ୍ ନାମ୍ନୀ ଜଣେ ୨୭ ବର୍ଷୀୟା ଯୁବତୀ ପୃଥିବୀର ସବୁ ଦେଶ ଭ୍ରମଣ କରିବାର ନିଜ ସ୍ୱପ୍ନକୁ ସତ କରିଛନ୍ତି। ସେପୁଣି ଏକାକୀ ବୁଲି ଏହି ଅସମ୍ଭବ କାମକୁ ସମ୍ଭବ କରି ଦେଖାଇଛନ୍ତି। ଆଉ କମ୍ ସମୟ ଭିତରେ ପୃଥିବୀର ସବୁ ଦେଶ ଭ୍ରମଣ କରି ରେକର୍ଡ ବି କରିଛନ୍ତି। କାସାଣ୍ଡ୍ରା ଏକାଧାରରେ ଜଣେ ଫିଲାନ୍ଥ୍ରୋପିଷ୍ଟ, ଲେଖିକା ଓ ଜଣେ ଆଥ୍ଲିଟ୍ ମଧ୍ୟ। ସେ ଆମେରିକାରୁ ଏକାକୀ ନିଜର ଯାତ୍ରା ଆରମ୍ଭ କରିଥିଲେ। କ୍ରାଉଡଫଣ୍ଡିଂ ମାଧ୍ୟମରେ ଏହି ଯାତ୍ରା ପାଇଁ ସେ ଟଙ୍କା ଯୋଗାଡ଼ କରିଥିଲେ। ଆଉ ୧୯୩ଟି ସାର୍ବଭୌମ ଦେଶ ଓ ପରେ ତାଇୱାନ, କୋସୋଭୋ, ପାଲେଷ୍ଟାଇନ୍ ଭ୍ରମଣ କରିଥିଲେ। ୧୮ ମାସ ୨୬ ଦିନରେ କାସାଣ୍ଡ୍ରାଙ୍କର ଏହି ଯାତ୍ରା ସମ୍ପନ୍ନ ହୋଇଥିଲା। ତେଣୁ ଗିନିଜ୍ ୱାର୍ଲଡ ରେକର୍ଡସ୍‌ରେ ତାଙ୍କ ନାଁ କମ୍ ସମୟରେ ପୃଥିବୀର ସବୁ ଦେଶ ଭ୍ରମଣ କରିଥିବା ପ୍ରଥମ ମହିଳାଭାବେ ସ୍ଥାନ ପାଇଲା।

ବ୍ୟାକ୍ ପେଜ୍



# ସାଧାରଣ ନୁହେଁ ଏହି ବେଲ୍ଟ

ଅଣ୍ଟାରୁ ପ୍ୟାଣ୍ଟ ନ ଖସିବା ପାଇଁ ବେଲ୍ଟ ପିନ୍ଧାଯାଏ। ହେଲେ କେବେ ଏମିତି ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି କି ଅଧିକ ଖାଇଦେବା ଯୋଗୁ ବେଲ୍ଟ ଟାଇଟ୍ ହୋଇଯାଏ ଅବା ବେଲ୍ଟ ଟାଇଟ୍‌ରେ ପିନ୍ଧିଥିବାରୁ ଅଧିକ ଖାଇହୁଏନା। ଫଳରେ ବେଲ୍ଟ ଖୋଲି ଢିଲା କରି ଖାଇବାକୁ ପଡ଼େ। ଭାବୁଛୁ ଏଭଳି ସ୍ଥିତିର ସମ୍ମୁଖୀନ ପ୍ରାୟ ସମସ୍ତେ ହୋଇଥିବେ। ତେବେ ଜାଣନ୍ତି କି ଏହି ସମସ୍ୟାର ସମାଧାନ ପାଇଁ ତିଆରି ହୋଇଛି ଏକ ସ୍ମାର୍ଟ ବେଲ୍ଟ; ଯାହାକି ୱେଷ୍ଟଲାଇନ୍ ବଢ଼ିବା କମିବା ସହ ଆପେ ଆଡଜଷ୍ଟ ହୋଇଯିବ। ଅର୍ଥାତ୍ ବସିବା, ଉଠିବା, ଅନ୍ୟ କୌଣସି କାମ କରିବା ସମୟରେ ଅଣ୍ଟାର ବଦଳୁଥିବା ଆକାର ଅନୁସାରେ ଏହା ଆଡଜଷ୍ଟ ହୋଇଯିବ।



ଫ୍ରାନ୍ସର ଏମିଓଟା ନାମକ ଫାର୍ମରେ ପ୍ୟାରିସ୍‌ର ଡିଜାଇନର୍ ବେରଟ୍ରାଣ୍ଡ ଦୁପ୍ଲା ଓ କ୍ୟାରିନ କୁଲ୍ମ ଏହାକୁ ତିଆରି କରିଛନ୍ତି। ମେଟାଲ ଓ ପ୍ଲାଷ୍ଟିକରେ ତିଆରି କରାଯାଇଥିବା ଏହି ବେଲ୍ଟର ନାମ ରଖାଯାଇଛି 'ବେଲ୍ଟି'। ଦେଖିବାକୁ ସାଧାରଣ ଲାଗୁଥିବା ଏହି ବେଲ୍ଟ ଏକ ଆପ୍ ମାଧ୍ୟମରେ ସଙ୍କୋଚିତ ଓ ପ୍ରସାରିତ ହୋଇଥାଏ। ମୋଟା ହୋଇ ଅଣ୍ଟା ବଢ଼ିଗଲେ ବି ଏହା ସତର୍କ କରାଏ ଯେ, ମୋଟାପଣ କମାନ୍ତୁ। ବେଶି ସମୟ ବସି ରହିଲେ ମଧ୍ୟ ଏହା ସତର୍କ କରାଏ ଯେ, ଉଠି ଚଲାବୁଲା କରନ୍ତୁ। ତେଣୁ ଏହା ନିଶ୍ଚିତଭାବେ ଏକ ଉପଯୋଗୀ ଗ୍ୟାଜେଟ୍ ହେବ।



# ଏତେ ବଡ଼ ସୋଫା!

ସୋଫା ତ ପ୍ରାୟ ସମସ୍ତଙ୍କ ଘରେ ଥାଏ। ହେଲେ ଏମିତି ସୋଫା କେହି କେବେ ଦେଖି ନ ଥିବେ। କାରଣ ଏ ସୋଫା ଏତେ ବଡ଼ ଯେ, ଲାଗିବ ସତେ ଯେମିତି ଯାକୁ କୌଣସି ରାକ୍ଷସ ପାଇଁ ତିଆରି କରାଯାଇଛି। ସାଙ୍ଘାଇର ଏକ ଶପିଂ ମଲ୍‌ରେ ପ୍ରଦର୍ଶିତ ହୋଇଥିବା ଏହି ସୋଫାର ଉଚ୍ଚତା ୬.୮ ମିଟର ଏବଂ ଓସାର ୭.୭ ମିଟର। ଏହା ଏତେ ବଡ଼ ଥିଲା ଯେ, ତା' ପାଖରେ ଯିବା ଆସିବା କରୁଥିବା ଲୋକ ଖୁବ୍ ଛୋଟ ଛୋଟ ଦେଖା ଯାଉଥିଲେ। ହେଲେ ଏହା ଦେଖିବାକୁ ବେଶ ସୁନ୍ଦର ଓ ରାଜକୀୟ ଲାଗୁଥିଲା। ବାଇଗଣୀ, ଧଳା ରଙ୍ଗର ଏହି ସୋଫାରେ ଗୋଲ୍ଡେନ କାରୁକାର୍ଯ୍ୟ ହୋଇଥିଲା। ଏହି ବିରାଟକାୟ ସୋଫା ସବୁଠୁ ବଡ଼ ସୋଫା ଭାବେ ରେକର୍ଡ କରିଛି।